

ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଓ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ ।
-ମହର୍ଷି ପରାଶର



## ସଂକ୍ଷେପରେ

### ବାପା, ଦୁଇ ପୁଅଙ୍କୁ ସଂଘବଦ୍ଧ ଆକ୍ରମଣ, ୩ ଗିରଫ

**ପାତ୍ରପଡା, ୨୯। ୧୦(ଡି.ଏନ.ଏ.):** ଖଣ୍ଡଗିରି ଥାନା ଭରତପୁର ଅଞ୍ଚଳରେ ଗୋଟିଏ ପରିବାରର ସଦସ୍ୟଙ୍କୁ ସଂଘ ବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ୩ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ମଙ୍ଗଳା ପ୍ରଧାନ, ଷ୍ଟଡିଓ ଛକ ଅଞ୍ଚଳର ଗଣେଶ ମହାକୁଡ, ସତ୍ୟନଗର ଅଞ୍ଚଳର ଭାଗୀରଥି ଦାସ। ସୂଚନା ମୁତାବକ, ୨୭ ତାରିଖ ରାତି ପ୍ରାୟ ସାଢେ ୯ଟାରେ ଉକ୍ତ ଅଞ୍ଚଳରେ ରହୁଥିବା ଶ୍ରୀଧର ବେହେରାଙ୍କ ଘର ନିକଟରେ ଅଭିଯୁକ୍ତ ଗାଳିଗୁଲଜ କରୁଥିଲେ। ବାରଣ କରିବାରୁ ସେମାନେ ପଳାଇଥିଲେ। ପରେ ଅଭିଯୁକ୍ତ ତାଙ୍କ ଅନ୍ୟ ସହଯୋଗୀଙ୍କ ସହ ଆସି ଶ୍ରୀଧରଙ୍କୁ ଘରୁ ଡାକିଥିଲେ। ଏହି ସମୟରେ ଶ୍ରୀଧରଙ୍କ ଦୁଇପୁଅ ଶିବରାମ ଓ ବଳାରାମ ଆସିବାରୁ ଅଭିଯୁକ୍ତମାନେ ଅତର୍କିତ ଆକ୍ରମଣ କରିଥିଲେ। ଦୁଇପୁଅଙ୍କୁ ମାଡ ଦେଉଥିବା ଦେଖି ଶ୍ରୀଧର ଆସିବାରୁ ତାଙ୍କୁ ମଧ ମାଡ ମାରିଥିଲେ। ଖବରପାଇ ପୋଲିସ ପହଞ୍ଚି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏ ନେଇ ଶ୍ରୀଧର ଥାନାରେ ଲିଖିତ ଅଭିଯୋଗ କରିବାରେ ନଂ. ୬୦୭/୧୯ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ୩ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି।

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ବାଲିଅନ୍ତା,୨୯।୧୦(ଡି.ଏନ.ଏ.):** ବାଲିଅନ୍ତା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ ବେଣୁପୁର ଆଚାର୍ଯ୍ୟ ବିହାର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବକୁ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ ଉଦ୍ଘାଟନ କରିଥିଲେ। ୧୦ଟି କ୍ଲଷ୍ଟର ଅଧୀନ ୧୦୦ଟି ବିଦ୍ୟାଳୟରୁ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଏଥିରେ ଜୟଦେବ ବିଧାୟକ ଅରବିନ୍ଦ ଢାଲୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ସଂଯୋଜିକା ଅମ୍ରିତା ପଟ୍ଟନାୟକ, ବ୍ଲକ ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର, ଅତିରିକ୍ତ ଶିକ୍ଷାଧିକାରୀ ସୁରେନ୍ଦ୍ର ସାହୁ ଓ ପ୍ରଧାନ ଶିକ୍ଷୟିତ୍ରୀ ଆରତି ପରିଜା ଯୋଗଦେଇଥିଲେ।

### ସଫେଇ କର୍ମଚାରୀଙ୍କୁ କମ୍ବଳ ଉପହାର

**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ):** ସମସ୍ତେ ମଉଜ ମସ୍ତିରେ ଆଲୋକର ପର୍ବ ଦୀପାବଳି ପାଳିଲା ପରେ ଘର ବାହାରେ ବାଣର ଅବଶିଷ୍ଟାଂଶ ପଡ଼ିରହେ। ଆଉ ଏହାକୁ ତା' ପରଦିନ ସକାଳୁ ସଫେଇ କର୍ମଚାରୀମାନେ ସଫା କରି ହିଁ ଆମ ପରିବେଶକୁ ସଫା ରଖିଥାନ୍ତି। ତେଣୁ ଦୀପାବଳିର ପରଦିନ ସକାଳୁ ରୋଟାରାକ୍ଟ କ୍ଲବ ଭୁବନେଶ୍ୱର ରୟାଲ ସଦସ୍ୟମାନେ ରାଜଧାନୀରେ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଭେଟି ଧନ୍ୟବାଦ ଜଣାଇଥିଲେ। ଏଥିସହ ଶୀତ ଦିନରେ ବ୍ୟବହାର ଉପଯୋଗୀ ଏକ କମ୍ବଳ ଉପହାର ଦେଇଥିଲେ। ଏଭଳି ପ୍ରୟାସ ଦ୍ୱାରା ସେମାନଙ୍କ ମୁହଁରେ ଯେଉଁ ହସ ଖେଳିଯାଇଥିଲା ତାହା ଆମକୁ ବହୁତ ପ୍ରଭାବିତ କରିଥିଲା ବୋଲି ସଙ୍ଗଠନର ସମ୍ପାଦକ ସୁବାଶିଷ ପଣ୍ଡା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ବଳରାମ ଜେନା, ରାକେଶ ସାମଲ, ଋତୁପର୍ଣ୍ଣା ଶତପଥୀ, ସସ୍ମିତା ଜେନା ଏବଂ ଡ. ସତ୍ୟବ୍ରତ କର ପ୍ରମୁଖ ଆୟୋଜନ କରିଥିଲେ। ଏଥିରେ ଡ. ଲିପସା ପ୍ରିୟଦର୍ଶିନୀ, ରୋଟାରିଆନ୍ ଧର୍ମେନ୍ଦ୍ର ବେହେରା, ସ୍ମିତିରଞ୍ଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

■ ଅମରେଶ ହତ୍ୟା ଘଟଣା

# ସ୍ପେଶାଲ ସ୍କ୍ୱାଡ୍ ନେତୃତ୍ୱରେ ଗଠନ ହେଲା ଟିମ୍

**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)**




ଭୀମଟାଙ୍ଗି ସାହି ବାସିନ୍ଦା କ୍ୟାଣ୍ଡେଲ ଜାଳି ଥାନା ଘେରାଉ କରୁଛନ୍ତି।

■ ୩ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା
■ ଅଭିଯୁକ୍ତଙ୍କୁ ଗିରଫ ଦାବିରେ କ୍ୟାଣ୍ଡେଲ ଜଳାଇ ଥାନା ଘେରାଉ

ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀସ୍ଥିତ ଏକାମ୍ର କଲେଜ ପଛ ପଡ଼ିଆରେ ରବିବାର ରାତିରେ ଅମରେଶ ନାୟକଙ୍କୁ ଭୁଜାଲିରେ ହାଣି ମୁଣ୍ଡକୁ ଛେଚି ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ୪୮ଘଣ୍ଟା ବିତିଯାଇଥିଲେ ମଧ ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିପାରିନି। ସେମାନଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ନେତୃତ୍ୱରେ ଏକ ୬ଜଣିଆ ଟିମ୍ ଗଠନ କରାଯାଇଛି। ମଙ୍ଗଳବାର ରାତିରେ ଏହି ଟିମ୍ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ଥାନା ଅଧିକାରୀଙ୍କ ତଦନ୍ତକୁ ନେଇ ଅମରେଶଙ୍କ ସାଙ୍ଗ ଓ ସହଯୋଗୀମାନେ ଅସନ୍ତୋଷ ପ୍ରକାଶ କରି ତଦନ୍ତ ଅଧିକାରୀ ବଦଳାଇବାକୁ ଦାବି କରିଛନ୍ତି। ସେମାନେ ସନ୍ଧ୍ୟା ପ୍ରାୟ ୬ଟା ୪୫ରେ କ୍ୟାଣ୍ଡେଲ ଜଳାଇ ଶୋଭାଯାତ୍ରାରେ ଆସି ଏୟାରଫିଲ୍ଡ ଥାନା ଘେରାଉ କରି ନାନା ସ୍ଲୋଗାନ ଦେଇଥିଲେ। ପୋଲିସ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରୁ। ଥାନାରେ ଅଭିଯୋଗ କରିଥିବା ଅମରେଶଙ୍କ ସାଙ୍ଗଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ତାଙ୍କୁ ସୁରକ୍ଷା ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ଜୋନ୍ ଏସିପି ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ସେମାନଙ୍କୁ ବୁଝାଶୁଝା କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

ଏନେଇ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ହତ୍ୟାକାରୀମାନେ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ନେତୃତ୍ୱରେ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଖୁବ୍‌ଶୀଘ୍ର ହତ୍ୟାକାରଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

### ଭୟରେ ଦୁଇଗୋଷ୍ଠୀ ସଦସ୍ୟଙ୍କ ପରିବାର

ପୂର୍ବ ଶତ୍ରୁତାକୁ ନେଇ ଅମରେଶଙ୍କୁ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଘଟଣା ପରଠାରୁ ଦୁଇ ଗୋଷ୍ଠୀ ମଧ୍ୟରେ ପୁଣି ମୁହାଁମୁହିଁ ହେବାର ଆଶଙ୍କା ରହିଛି। ବିଶେଷକରି ଅମରେଶ ଗୋଷ୍ଠୀ ପ୍ରତିଶୋଧ ନେବାକୁ ଯୋଜନା କରୁଥିବାବେଳେ ଅପରଗୋଷ୍ଠୀର ସଦସ୍ୟଙ୍କ ପରିବାରରେ ଚିନ୍ତା ବଢ଼ିଛି। କୌଣସି ମୁହୂର୍ତ୍ତରେ ସେମାନଙ୍କ ପୁଅ କିମ୍ବା ପରିବାର ସଦସ୍ୟ ଉପରେ ଆକ୍ରମଣ ହୋଇପାରେ ବୋଲି ଆଶଙ୍କା କରି ଭୟଭୀତ ଅବସ୍ଥାରେ ରହୁଛନ୍ତି। କାରଣ ଅମରେଶଙ୍କ ମୃତଦେହ ବ୍ୟବଚ୍ଛେଦ ସମୟରେ ତାଙ୍କ ସହଯୋଗୀମାନେ ମଧ ପ୍ରତିଶୋଧ ନେବାକୁ କହୁଥିବା ଶୁଣିବାକୁ ମିଳିଥିଲା। ଏଭଳି ପରିସ୍ଥିତିରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହୁଥିବାରୁ ପୋଲିସ ଏହା ଉପରେ କଡ଼ା ନଜର ରଖିଛି।

### ହତ୍ୟା ପଛରେ ରାଜନୈତିକ କାରଣ

ଏବେ ବି ଅମରେଶ ହତ୍ୟାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ହତ୍ୟା ପଛରେ ରାଜନୈତିକ କାରଣ ଥିବା କୁହାଯାଉଛି। ଅମରେଶ ଜଣେ ନେତାଙ୍କ ସହଯୋଗରେ ଆଗକୁ ବଢୁଥିଲେ। ତାଙ୍କ ଘର ଅନ୍ୟ ଅଞ୍ଚଳରେ ହୋଇଥିଲେ ମଧ ସେ ଖଣ୍ଡଆଳ ଛକ ନିକଟରେ ରହି ଅନ୍ୟମାନଙ୍କୁ ଡରାଇ ରଖୁଥିଲେ। ଏହାକୁ ସ୍ଥାନୀୟ ନେତାମାନେ ସହଜରେ ହଜମ କରିପାରୁ ନ ଥିଲେ। ସେମାନେ ଅମରେଶଙ୍କୁ ମାରିବା ପାଇଁ ପ୍ରତିପକ୍ଷ ଗୋଷ୍ଠୀକୁ ଅସ୍ତ୍ର କରିଥାଇପାରନ୍ତି ବୋଲି ଅମରେଶଙ୍କ ଜଣେ ସାଙ୍ଗ ନାମ ଗୋପନ ରଖି କହିଛନ୍ତି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ଅମରେଶଙ୍କ ବାପା ଜଣେ ବ୍ୟାଙ୍କ୍ ମ୍ୟାନେଜର ହୋଇଥିବାରୁ ଅର୍ଥର ଅଭାବ ନ ଥିଲା। ସେ ପରିବାର ଲୋକଙ୍କୁ ନ ମାନି ବହୁ ଅପରାଧରେ ସମ୍ପୃକ୍ତ ଥିଲେ। ତାଙ୍କ ନାମରେ ୨୨ରୁ ଊର୍ଦ୍ଧ୍ୱ ମାମଲା ଏୟାରଫିଲ୍ଡ ଥାନାରେ ରହିଛି।

### ହ୍ୱାଟ୍ସଆପ୍‌ରେ ଅଶ୍ଳୀଳ ଫଟୋ ପଠାଇ ଯୁବକ ଗିରଫ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

ସାଙ୍ଗର ହ୍ୱାଟ୍ସଆପ ନମ୍ବରରୁ ଯୁବତୀଙ୍କୁ ଅଶ୍ଳୀଳ ଫଟୋ ପଠାଇବା ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ବାଙ୍ଗାଲୋରରୁ ଗିରଫ କରିଛି। ସେ ହେଲେ ବିରିଡି ଥାନା ଅଡଙ୍ଗଗଡ ଗ୍ରାମର ସେକ୍ ଅମିନ୍(୨୭)। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ନଂ–୨୨୯/୧୯ରେ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପୋଲିସ ଅଭିଯୁକ୍ତର ଫୋନ୍‌କୁ ମଧ ଜବତ କରିଛି। ଅଭିଯୁକ୍ତ ସେକ୍ ବାଙ୍ଗାଲୋରରେ ଏକ ହୋଟେଲରେ ରହି କାମ କରନ୍ତି। ଜୁନ୍‌ରେ ସେ ଗ୍ରାମକୁ ଆସିଥିବାବେଳେ ସାଙ୍ଗ ଆକାଶର ହ୍ୱାଟ୍ସଆପ ନଂ ନେଇ ନିଜ ଫୋନରେ ଖୋଲିଥିଲେ। ପରେ ସେହି ହ୍ୱାଟ୍ସଆପ୍ ନମ୍ବରରୁ ଏକାଧିକ ଯୁବତୀଙ୍କ ଫଟୋ ଏଡିଟ କରି ଅଶ୍ଳୀଳ ଫଟୋ ଓ ଭିଡିଓ ପଠାଉଥିଲେ। ଏହିଭଳି ଇନ୍‌ଫୋସିଟି ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ମୋବାଇଲ୍ ନମ୍ବର ପାଇ ତାଙ୍କ ଫଟୋକୁ ମଧ ଅଶ୍ଳୀଳ କରି ତାଙ୍କ ହ୍ୱାଟ୍ସଆପ୍‌କୁ ଛାଡିଥିଲେ। ଶେଷରେ ଯୁବତୀ ଜଣଙ୍କ ଗତ ୧୮ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଉକ୍ତ ହ୍ୱାଟ୍ସଆପ୍ ନମ୍ବରକୁ ଯାଞ୍ଚ କରିବା ପରେ ତାହା ବିରିଡିରେ ରହୁଥିବା ଆକାଶର ବୋଲି ଜଣାପଡିଥିଲା। ପୋଲିସ ଆକାଶକୁ ଧରିବା ପରେ ସେଥିରୁ ସେକ୍ ସମ୍ପର୍କରେ ଜଣାପଡିବା ପରେ ସୋମବାର ବାଙ୍ଗାଲୋର ଯାଇ ଧରିଥିଲା।




ମଙ୍ଗଳବାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଓ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ଅବସରରେ କଳିଙ୍ଗ ଷ୍ଟାଡିୟମରୁ ବାହାରିଥିବା ମିନି ମାରାଥନ।

### ୧ରୁ ଶ୍ରୀଲିଙ୍ଗରାଜ ମନ୍ଦିରକୁ ପାନ, ଗୁଟ୍‌ଖା ମନା

**ପୁରୁଣାଭୁବନେଶ୍ୱର,୨୯।୧୦ (ଡି.ଏନ.ଏ.)**

ନଭେମ୍ବର ୧ରୁ ଶ୍ରୀଲିଙ୍ଗରାଜ ମନ୍ଦିରକୁ ପାନ ଗୁଟ୍‌ଖା ସମ୍ପୂର୍ଣ୍ଣ ମନା କରାଯିବ। ଏଥିରେ ବ୍ୟତିକ୍ରମ ହେଲେ ୧୦୦ଟଙ୍କା ଫାଇନ ଦେବାକୁ ହେବ ବୋଲି ମଙ୍ଗଳବାର ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟବୋର୍ଡର ଏକ ବୈଠକରେ ଏହା ସ୍ଥିର କରାଯାଇଛି । ଏହାକୁ ଟ୍ରଷ୍ଟ ସଭାପତି ତଥା ଏଡିଏମ ଅରୁଣ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ସେହିଭଳି ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ ଆବଣ୍ଟନ ଏବଂ ଏଥିରୁ ରାଜସ୍ୱ ମନ୍ଦିର ପ୍ରଶାସନ କରିବାକୁ ପ୍ରସ୍ତାବ ସହ ଜବରଦଖଲ ଜମି ଉଦ୍ଧାର ପାଇଁ ପ୍ରସ୍ତାବ କରାଯାଇଥିଲା। ବୈଠକରେ ଏସିପି ଜୋନ ୨ ସୁବାସ ଚନ୍ଦ୍ର ପଣ୍ଡା, ଆଡଭୋକେଟ ମାନସ ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ।

### ନୂଆ ମୋଟର ଯାନ ଆଇନ

## କୋହଳ ଅବଧି ଆଉ ମାସେ

**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)**

ନୂଆ ମୋଟର ଆଇନ ଲାଗୁ ହେବା ପରେ କଡାକଡି ଯାଞ୍ଚ କରାଯାଇ ମୋଟାଅଙ୍କର ଜରିମାନା ଆଦାୟ ହୋଇଥିଲା। ଲୋକଙ୍କୁ ଗାଡ଼ି କାଗଜପତ୍ର କରିବାକୁ ସମୟ ଦିଆ ନ ଯାଇ ହଠାତ୍ ଏଭଳି ଜରିମାନା ଆଦାୟକୁ ନେଇ ଚାରିଆଡ଼େ ତୀବ୍ର ବିରୋଧ ହେବା ପରେ ସରକାର ସେପ୍ଟେମ୍ବର ୯ରୁ ୩ମାସ ପାଇଁ କୋହଳ ଘୋଷଣା କରିଥିଲେ। ଇତିମଧ୍ୟରେ ୨ମାସ ସରିବାକୁ ବସିଥିବାବେଳେ ଲୋକଙ୍କ ହାତରେ ଆଉମାତ୍ର ମାସଟିଏ ବାକି ରହିଛି। ସମୟ ପାଖେଇ ଆସୁଥିବାରୁ ଲୋକଙ୍କ ମଧ୍ୟରେ ଧୀରେ ଧୀରେ ଛନକା ପଶିବାରେ ଲାଗିଛି। ଏହାକୁ ନେଇ ଏବେଠୁ ଆରମ୍ଭ ହେଲାଣି ଚର୍ଚ୍ଚା।

ମିଳିଥିବା ସୂଚନାନୁସାରେ, ସେପ୍ଟେମ୍ବର ପହିଲାରୁ ଏପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଆରଟିଓ–୧ରେ ୬୧ ହଜାର ୪୪୫ ଲୋକ ଆବେଦନ କରିଛନ୍ତି। ୧୩ ହଜାର ୩୧୫ ଜଣ ଡ୍ରାଇଭିଂ ଲାଇସେନ୍ସ ନେଇଥିବାବେଳେ ୪୮ ହଜାର ୧୦୪ ଜଣ ଲର୍ନିଂ ଲାଇସେନ୍ସ ନେଇଛନ୍ତି। ସେହିଭଳି ଆର୍‌ଟିଓ–୨ରେ ସେପ୍ଟେମ୍ବରରେ ୧୦ହଜାର ୭୫୫ ଜଣ ଓ ଅକ୍ଟୋବରରେ ୫ ହଜାର ୨୬ ଜଣ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ନେଇଥିବା ସୂଚନା ମିଳିଛି। ଏହାସହ ୪୧୦୫ଜଣଙ୍କ ଆବେଦନ ଅମୀମାଂସିତ ରହିଛି।

### ରାଜ୍ୟସ୍ତରୀୟ କଠିନ ବର୍ଜ୍ୟବସ୍ତୁ ପରିଚାଳନା କମିଟି ସମୀକ୍ଷା ବୈଠକ

## ଭୁବନେଶ୍ୱରରେ ନୂଆ ଢଙ୍ଗରେ ହେବ ବର୍ଜ୍ୟ ପରିଚାଳନା

**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)**




ବର୍ଜ୍ୟବସ୍ତୁ ପରିଚାଳନା ନେଇ ରାଜ୍ୟ ସ୍ତରୀୟ ସମୀକ୍ଷା ବୈଠକ ଭୁବନେଶ୍ୱରର ମହାନଗର ନିଗମ (ବିଏମ୍‌ସି) ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଭୁବନେଶ୍ୱରରେ ନୂଆ ଢଙ୍ଗରେ ବର୍ଜ୍ୟ ପରିଚାଳନା ହେବାକୁ ଯାଉଥିବା ସୂଚନା ଦେବା ସହ ବର୍ଜ୍ୟ ସଂଗ୍ରହ, ପ୍ରକ୍ରିୟାକରଣ ଓ ସମାପନର ବିବିଧ ଦିଗ ତଥା କାର୍ଯ୍ୟ ପ୍ରଗତି ବାବଦରେ ଆଲୋଚନା କରିଥିଲେ। ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ବିଏମ୍‌ସି ପକ୍ଷରୁ ବିଭିନ୍ନ ଯୋଜନା ତଥା ନୀତି ପ୍ରଣୟନ କରାଯାଇଛି। ଏଥିମଧ୍ୟରେ ସିଟି ସାନିଟେଶନ ପ୍ଲାନ୍, ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି ୨୦୧୮, ମଳ ପରିଚାଳନା ନିୟମ ୨୦୧୮, ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା, ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟ ପରିଚାଳନା ତଥା ଇ-ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଡ୍ରାଫ୍ଟ ପଲିସି ରହିଛି। ରାଜ୍ୟସ୍ତରୀୟ କଠିନ ବର୍ଜ୍ୟ ପରିଚାଳନା କମିଟି ସଭାପତି ଜଷ୍ଟିସ୍ ପି.କେ. ମହାନ୍ତି ଯୋଗଦେଇ ଏହିସବୁ ଯୋଜନାଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାର ସଫଳତା ପାଇବା ପାଇଁ ଆଗାମୀ ଦିନରେ ସମୀକ୍ଷା କରାଯିବା ସହ ରାଜ୍ୟରେ ଏହା ଉପଯୋଗ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଜଷ୍ଟିସ୍ ମହାନ୍ତି କହିଥିଲେ।

ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରି ମୋନା ଶର୍ମା, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରି ଜି ମାଥିଭାଥନନ୍, କମିଶନର କମ୍ ସେକ୍ରେଟାରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଡ. ପି. କେ. ମେହେର୍ଦ୍ଧା, ବିଏମ୍‌ସିର ପ୍ରଶାସକ ସଂଗ୍ରାମଜିତ୍ ନାୟକ, କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ପଟ୍ଟନାୟକ, ବିଏମ୍‌ସିର ଅତିରିକ୍ତ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଶ୍ରୀମନ୍ତ ମିଶ୍ର, ଶ୍ୟାମସୁନ୍ଦର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅତିଥି ଓ ଅଧିକାରୀମାନେ କ୍ୟାପିଟାଲ ହସ୍ପିଟାଲ, ରାଜମହଲସ୍ଥିତ ଇ- ଟଏଲେଟ୍, କଳ୍ପନା ଅଣ୍ଡରଗ୍ରାଉଣ୍ଡ ଡ଼ଷ୍ଟବିନ, ବାସୁଆଘାଇ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ପରିଦର୍ଶନ କରିଥିଲେ।

### ଭଉଣୀ ଘରକୁ ଗଲେ ଶ୍ରୀଲିଙ୍ଗରାଜ

**ପୁରୁଣା ଭୁବନେଶ୍ୱର, ୨୯। ୧୦ (ଡି.ଏନ.ଏ.)**

ଦୈନନ୍ଦିନ ନୀତି, ମଙ୍ଗଳ ଆଳତି, ଅବକାଶ ସରିବା ପରେ ପ୍ରଭୁଙ୍କ ଦର୍ଶନ ମଧ୍ୟାହ୍ନ ୧୨ଟା ଯାଏ ଚାଲିଥିଲା। ଛାମୁ ପରିଷ୍କାର କରାଯାଇ, ମାଘସ୍ନାନ ପରେ ଅନ୍ୟାନ୍ୟ ନୀତିମାନ କରାଗଲା। ଭୋଗ ମଣ୍ଡପ ସରିବା ପରେ ପୁନଶ୍ଚ ଯାତ୍ରାପୂଜା କରାଯାଇଥିଲା। ଏଥିରେ ମାଘ ସ୍ନାନ ପରେ ଶ୍ରୀଜୀଉଙ୍କୁ ନୂତନ ବସ୍ତ୍ର ପରିଧାନ ସହ ବେଶ କରାଯାଇଥିଲା। ପରେ ଯାତ୍ରାପୂଜା, ଦ୍ୱିପ୍ରହର ଧୂପ, ଠାକୁରାଣୀ ଦ୍ୱିପ୍ରହର ଧୂପ କରାଯାଇ ପହୁଡ ପଡିଥିଲା। ରାତି ପ୍ରାୟ ସାଢେ ୭ଟାରେ ବିମାନ ଓ ପାଲିଙ୍କିରେ ଶ୍ରୀଲିଙ୍ଗରାଜ, ପାର୍ବତୀ, ଦୁର୍ଗାଙ୍କ ସହ ବାସୁଦେବ ବଡେଇବାଙ୍କସ୍ଥିତ ଭାରତୀ ମଠ ପରିସରରେ ଥିବା କାମାକ୍ଷୀ ଠାକୁରାଣୀଙ୍କ ନିକଟକୁ ଯାଇଥିଲେ। ସେଠାରେ ଖଟୁଲିରେ ଠାକୁରାଣୀ, ଠାକୁର ଅବସ୍ଥାନ କରିବା ପରେ ପଞ୍ଚ ଉପଚାର ପୂଜା କରାଯାଇ ସ୍ୱମନ୍ଦିର ଯାଇଥିଲେ।

### ପରିଶୋଧ କରିପାରିଲେନି ଋଣ

## ଆତ୍ମହତ୍ୟା କଲେ ଶ୍ରମିକ

**ଖୋର୍ଦ୍ଧା ଅଫିସ, ୨୯।୧୦**

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ଆଣିଥିବା ଋଣ ପରିଶୋଧ କରି ନ ପାରି ଜଣେ ଶ୍ରମିକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ତ୍ରିନାଥ କାଣ୍ଡି(୪୫)। ଘର ଖୋର୍ଦ୍ଧା ସଦର ଥାନା କାଇମାଟିଆ ଗାଁରେ। ଅଭିଯୋଗ ପରେ ସଦର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, କାଇମାଟିଆ ଗାଁର ତ୍ରିନାଥ ଖୋର୍ଦ୍ଧାର କ୍ରଶରରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। କ୍ରଶର ବନ୍ଦ ହୋଇଯିବା ପରେ ରୋଜଗାର ହରାଇଥିଲେ। ଗାଁରେ ୩ଟି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ୧ ଲକ୍ଷ ୨ ହଜାର ଟଙ୍କା ଋଣ ଆଣିଥିଲେ। ତେବେ ଋଣ ପରିଶୋଧ କରି ନ ପାରିବାରୁ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଟଙ୍କା ନେବାକୁ ଚାପ ପ୍ରୟୋଗ କରିଥିଲେ। କିଛିଦିନ ହେଲା ତ୍ରିନାଥ ଚାପରେ ଥିଲେ। ତେବେ ମଙ୍ଗଳବାର ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବାର ରହିଛି। ଏ ନେଇ ତ୍ରିନାଥଙ୍କ ସ୍ତ୍ରୀ ଯଶୋଦା କୁହନ୍ତି, ଋଣ ପରିଶୋଧ କରି ନ ପାରିବାରୁ ମୋ ସ୍ୱାମୀ ଆତ୍ମହତ୍ୟା କରିବାକୁ ବାଧ ହୋଇଛନ୍ତି। କାଇମାଟିଆ ଗାଁର ତ୍ରିନାଥ ଆତ୍ମହତ୍ୟା କରିବା ପରେ ମା' ପୁଅ ବେସାହାରା ହୋଇପଡିଛନ୍ତି। ଘରର ରୋଜଗାରକ୍ଷମ ବ୍ୟକ୍ତି ପ୍ରାଣ ହରାଇବା ପରେ ପୁଅ ପାଠପଢ଼ାରେ ଡୋରି ବନ୍ଧା ହୋଇଯିବ ବୋଲି ମା' ଯଶୋଦା କହିଛନ୍ତି। ପୁଅ ଷଷ୍ଠ ଶ୍ରେଣୀରେ ପାଠ ପଢୁଛନ୍ତି। ଅନ୍ୟପକ୍ଷେ ଯଶୋଦାଙ୍କ ଉପରେ ଋଣବୋଝ। ଏହାକୁ କିପରି ପରିଶୋଧ କରିବେ ସେନେଇ ମଧ ଚିନ୍ତା ଘାରିଛି।

■ ୮ମ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ

## ପ୍ଲାଷ୍ଟିକ୍ ପରିବର୍ତ୍ତେ ଏଥର କଦଳୀ ବାସୁଙ୍ଗା ଡଙ୍ଗା

**ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର, ୨୯।୧୦(ବ୍ୟୁରୋ/ ଡି.ଏନ୍.ଏ.)**



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆସନ୍ତା ୧୨ରେ ଦୟାନଦୀ ଲିଙ୍ଗିପୁର ଘାଟରେ '୮ମ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ' ଅନୁଷ୍ଠିତ ହେବ। ଏଥିପାଇଁ ଦୟାନଦୀ କୂଳରେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋଚ୍)ର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋର ୩ଟାରୁ ଭଜନ ସମାରୋହ ଅନୁଷ୍ଠିତ ହେବ। ଚଳିତବର୍ଷ ସାମାଜିକ କର୍ମୀ ଗୋବିନ୍ଦ ପଟ୍ଟନାୟକଙ୍କୁ ଦୟାନଦୀ ସମ୍ମାନରେ ସମ୍ମାନିତ କରାଯିବ। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଚଳିତବର୍ଷ ସୋଲ ଓ ପ୍ଲାଷ୍ଟିକ ଡଙ୍ଗା ବଦଳରେ କଦଳୀ ବାସୁଙ୍ଗାରେ ତିଆରି ଡଙ୍ଗା ଭସାଇବାକୁ ଶ୍ରଦ୍ଧାଳୁଙ୍କୁ ସଚେତନ କରାଯିବ। ଏଥିପାଇଁ ମାଗଣାରେ କଦଳୀ ବାସୁଙ୍ଗା ଡଙ୍ଗା ଯୋଗାଇ ଦିଆଯିବ। ପ୍ଲାଷ୍ଟିକ ବ୍ୟବହାର ନ କରିବା ଓ ନଦୀ କୂଳରେ ବାଣ ନ ଫୁଟାଇବା ନିମନ୍ତେ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରାଯିବ। ପ୍ରତିବର୍ଷ ଭଳି ଏଥର ମଧ ନଭେମ୍ବର ୧୩ ସକାଳେ ଅନୁଷ୍ଠାନ ତରଫରୁ ଘାଟ ସଫେଇ କରାଯିବ। ବୈଠକରେ ଚିତ୍ତରଞ୍ଜନ ମହାନ୍ତି, ରବୀନ୍ଦ୍ର ପାତ୍ର, ସୁବାସ ସୁନ୍ଦରାୟ, ରଶ୍ମି ରଞ୍ଜନ ଶ୍ରୀଚନ୍ଦନ, ଭକ୍ତ ଭୂଷଣ ବାରିକ, ବିଜୟ ସାମନ୍ତରାୟ, ନବ କିଶୋର ପରିଡ଼ା, ବିଭୂତି ପ୍ରଧାନ, କ୍ଷୀରୋଦ ପ୍ରଧାନ, ପ୍ରମୋଦ ସ୍ୱାଇଁ, ଦୀନବନ୍ଧୁ ସ୍ୱାଇଁ, ସଦାଶିବ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

# ୪ ସ୍ଥାନରେ ସ୍ୱତନ୍ତ୍ର କ୍ରୀଡ଼ା ବିଦ୍ୟାଳୟ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

■ ଭୁବନେଶ୍ୱର, ରାଉରକେଲା,ସମ୍ବଲପୁର,ବ୍ରହ୍ମପୁରରେ ହେବ
■ ଜୟପୁରକୁ ନେଇ ପ୍ରସ୍ତାବ ବିଚାରାଧୀନ

ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ରାଜ୍ୟର ୪ଟି ସ୍ଥାନରେ ସ୍ୱତନ୍ତ୍ର କ୍ରୀଡ଼ା ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏହି ସ୍ଥାନରେ ପୂର୍ବରୁ ରହିଥିବା କ୍ରୀଡ଼ା ଭିତ୍ତିଭୂମିର ଉନ୍ନୟନ ସହ ଆନୁଷଙ୍ଗିକ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି। ଏହି ସ୍ଥାନଗୁଡିକ ହେଉଛି– ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଏବଂ ରାଉରକେଲା। ଏତଦ୍ ବ୍ୟତୀତ କୋରାପୁଟ ଜିଲାର ଜୟପୁରଠାରେ ମଧ ସ୍ୱତନ୍ତ୍ର କ୍ରୀଡ଼ା ବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ପ୍ରସ୍ତାବ ରହିଛି।

ସାଧାରଣତଃ ପାରମ୍ପରିକ ବିଦ୍ୟାଳୟଗୁଡିକରେ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଇଥାଏ। କ୍ରୀଡ଼ାରେ ରୁଚି ରଖୁଥିବା ପିଲା ପାଠପଢ଼ାରୁ ସମୟ କାଢ଼ି ଖେଳିଥାଏ। ହେଲେ ତୃଣମୂଳରୁ କ୍ରୀଡ଼ା ପ୍ରତିଭା ଚିହ୍ନଟ କରି ତାଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟର ପରିକଳ୍ପନା କରାଯାଇଛି। କ୍ରୀଡ଼ା ନିୟମ ତଥା ସାଧାରଣ ଜୀବନରେ ସର୍ବନିମ୍ନ ଆବଶ୍ୟକତା ଥିବା ଶିକ୍ଷା ଉପରେ ଏହି ବିଦ୍ୟାଳୟଗୁଡିକରେ ଗୁରୁତ୍ୱ ଦିଆଯିବ। ନିକଟରେ ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରି ଓଡ଼ିଶା ଅନ୍ତର୍ଜାତୀୟସ୍ତରରେ ସମସ୍ତଙ୍କ ଧ୍ୟାନଆକର୍ଷଣ କରିଥିଲା। ସେହିପରି ଉଭୟ ପୁରୁଷ ଏବଂ ମହିଳା ହକିରେ ରାଜ୍ୟ ବହୁ ପ୍ରତିଭାଙ୍କୁ ଜନ୍ମ ଦେଇଛି। ଏହାକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରୁ ଖେଳାଳିଙ୍କ ପାଇଁ ହକି ଟର୍ଫ ପ୍ରସ୍ତୁତ କରାଯିବା ନେଇ ପଦକ୍ଷେପ ନିଆଯିବ। ପ୍ରାଥମିକଭାବେ ହକି ଖେଳୁଥିବା ୧୭ଟି ବ୍ଲକରେ ଟର୍ଫ ବ୍ୟବସ୍ଥା କରାଯିବ। ଜିଲାସ୍ତରୀୟ ହକି ଟୁର୍ନାମେଣ୍ଟ ମଧ ଟର୍ଫରେ କରିବା ଉପରେ ଗୁରୁତ୍ୱ ଦିଆଯିବ। ନିକଟରେ ରାଜ୍ୟ ହକି ପ୍ରଚାର ପରିଷଦ ଗଠନ କରାଯାଇଛି। ଏହି ପରିଷଦ ହକି କ୍ରୀଡ଼ା ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ରଭାବେ କାର୍ଯ୍ୟ କରିବ। ହକି ଖେଳି ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଥିବା ପୂର୍ବତନ ତାରକାମାନେ ମଧ ଏହି ସବୁ କାର୍ଯ୍ୟରେ ପ୍ରତ୍ୟକ୍ଷଭାବେ ଜଡିତ ରହିବେ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫–ଟି ମନ୍ତ୍ର ଆଧାରରେ ରାଜ୍ୟ ବିଭିନ୍ନ ବରିଷ୍ଠ ଅଧିକାରୀ, ବିଭାଗୀୟ ମନ୍ତ୍ରୀ ଏବଂ କ୍ରୀଡ଼ା ପ୍ରଶାସକମାନେ ବିଭିନ୍ନ କ୍ରୀଡାବାସ ଗସ୍ତ କରୁଛନ୍ତି। ତୃଣମୂଳରେ କ୍ରୀଡା ଭିତ୍ତିଭୂମି ଅବସ୍ଥା, ଉନ୍ନୟନ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କିତ ମତାମତ ସଂଗ୍ରହ କରୁଛନ୍ତି। ଏହି ଗଠନଧର୍ମୀ ମତାମତକୁ ଆଧାର କରି କ୍ରୀଡ଼ାର ବିକାଶ ପାଇଁ ପଦକ୍ଷେପ ନିଆଯାଉଥିବା ଜଣାପଡିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩୦/୨୦୧୯ Bhubaneswar, Wednesday, October 30/2019

## ସଂକ୍ଷେପରେ

### ଏସ୍‌ସିବିରେ ୫୮ ଡେଙ୍ଗୁ ରୋଗୀ

**କଟକ ଅଫିସ, ୨୯।୧୦:** ଏସ୍‌ସିବି ମେଡିକାଲରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୫୮ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ୫୨ଜଣ ୱାର୍ଡରେ ଓ ୬ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଅଦ୍ୟାବଧି ଏସ୍‌ସିବିରେ ମୋଟ ୧୨୭୧ ଜଣ ଡେଙ୍ଗୁ ଆକ୍ରାନ୍ତ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୯୯୯ ପୁରୁଷ ଓ ୨୭୨ ଜଣ ମହିଳା। ବାଲେଶ୍ୱରକୁ ଚଳିତବର୍ଷ ସର୍ବାଧିକ ଡେଙ୍ଗୁ ପ୍ରବଣ ଜିଲା ଭାବେ ଚିହ୍ନଟ କରାଯାଇଛି। ଏହି ଜିଲାରୁ ବର୍ତ୍ତମାନ ସୁଦ୍ଧା ୩୧୯ ରୋଗୀ ଚିକିତ୍ସା ଲାଗି ଭର୍ତ୍ତି ହୋଇଥିବା ବେଳେ ଦ୍ୱିତୀୟ ସର୍ବାଧିକ କେନ୍ଦ୍ରାପଡ଼ା ଜିଲାରୁ ୧୭୯ ଜଣ ରୋଗୀ ରହିଛନ୍ତି। କଟକରୁ ୧୫୪ ଓ ଯାଜପୁରରୁ ୧୮୨ ରୋଗୀ ଭର୍ତ୍ତି ହୋଇଥିବା ଏସ୍‌ସିବି ପକ୍ଷରୁ କୁହାଯାଇଛି। ଅଗଷ୍ଟ ୧୩ରେ ଡେଙ୍ଗୁରେ କେନ୍ଦ୍ରାପଡ଼ାର ଦେବକୀ ବେହେରା ଏବଂ ଅକ୍ଟୋବର ୧୫ରେ ପୁରୀ ସାକ୍ଷୀଗୋପାଳର ରାମ ବାରିକଙ୍କ ମୃତ୍ୟୁ ଘଟିଥିଲା।

### କାରଖାନା କର୍ମଚାରୀଙ୍କଠାରୁ ୧୮ ଲକ୍ଷ ଲୁଟ୍

**ଖୁଣ୍ଟୁଣୀ,୨୯।୧୦(ଡି.ଏନ୍.ଏ.):** କଟକ ଜିଲା ଖୁଣ୍ଟୁଣୀ ଥାନାଠାରୁ ୨୦୦ମିଟର ଦୂର ୫୫ନଂ. ଜାତୀୟ ରାଜପଥ ଓଭରବ୍ରିଜରୁ ମଙ୍ଗଳବାର ସନ୍ତୋଷ ରାୟ ନାମକ ଜଣେ କାରଖାନା କର୍ମଚାରୀଙ୍କ ପାଖରୁ ୧୮ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଏନେଇ ରାୟଙ୍କ ଅଭିଯୋଗକ୍ରମେ ଖୁଣ୍ଟୁଣୀ ପୋଲିସ ଏକ ମାମଲା(ନଂ.୧୩୮/୧୯)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ସନ୍ତୋଷ ଭୁବନେଶ୍ୱରର ଏକ ଘରୋଇ କାରଖାନାରେ କାର୍ଯ୍ୟ କରନ୍ତି। ସେ ଢେଙ୍କାନାଳ ଜିଲା କାଇମାଟି ଅଞ୍ଚଳରୁ ଟଙ୍କା ଅଦାୟ କରି ବାଇକ୍‌ରେ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ୪ଜଣ ଦୁର୍ବୃତ୍ତ ଦୁଇ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇବା ସହ ମୋବାଇଲ ଫୋନ ଓ ୧୮ଲକ୍ଷ ଟଙ୍କା ଥିବା ବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏଥିଯୋଗୁ ସନ୍ତୋଷ ଦୁଃଖ ଓ ଚିନ୍ତାରେ କଣ୍ଟାବନ୍ଧ ଛକରେ ଦୀର୍ଘ ସମୟ ଧରି ବସି ରହିଥିଲେ। ଅପରାହ୍ନ ୧ଟାରେ ଖବର ପାଇ ଖୁଣ୍ଟୁଣୀ ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେ ଘଟଣା ସମ୍ପର୍କରେ କହିବା ସହ ଏତଲା ଦେଇଥିଲେ। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ କହିଛନ୍ତି। ସୂଚନାଥାଉ କି, ଗତ ଦୁଇ ମାସ ମଧ୍ୟରେ ଗୁରୁଡିଝାଟିଆ ଥାନା ଅଞ୍ଚଳରୁ ଜଣେ ଡାକ୍ତରଙ୍କ ଠାରୁ ୫୦ଲକ୍ଷ ଟଙ୍କା ଓ ଜଣେ ମହିଳାଙ୍କଠାରୁ ସୁନାହାର ଲୁଟ୍ ହୋଇଥିଲା। ସେହିପରି ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାଶ୍ୟାମପୁର ନିକଟରୁ ଜଣେ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କ ଠାରୁ ୩୪ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା।

### ରମାଦେବୀ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ଜମି ସମ୍ପର୍କରେ ରିପୋର୍ଟ ଦେବାକୁ ଉଚ୍ଚଶିକ୍ଷା ବିଭାଗର ଚିଠି

**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ୍ ପ୍ରସଙ୍ଗରେ ଉଚ୍ଚଶିକ୍ଷା ବିଭାଗ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ମାଗିଛି। ଦ୍ୱିତୀୟ କ୍ୟାମ୍ପସର ବର୍ତ୍ତମାନ ସ୍ଥିତି, ଜମି ସମ୍ପର୍କରେ ରିପୋର୍ଟ ଦେବା ପାଇଁ କୁହାଯାଇଛି। ଏ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖାଯାଇଛି।

### ୪ ପୋଲିସ ଅଧିକାରୀଙ୍କ ପଦୋନ୍ନତି

**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ):** ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ସୁପର୍ ଟାଇମ ସ୍କେଲ)ରୁ ଗ୍ରେଡ୍ ଅଫ୍ ଓପିଏସ୍ (ଏସ୍ଏଜି) ପଦବୀକୁ ୪ ଅଧିକାରୀ ଆଡହକ ପଦ୍ଧତି ଦ୍ୱାରା ପଦୋନ୍ନତି ପାଇଛନ୍ତି। ସେମାନେ ହେଲେ ଗୁପ୍ତା ମହାକୁଡ଼, ଅଶ୍ୱିନୀ କୁମାର ମହାନ୍ତି, ରାଧା ବିନୋଦ ପାଣିଗ୍ରାହୀ ଏବଂ ଶ୍ରୀକ୍ରିଷ୍ଣା ବେହେରା। ରାଜ୍ୟ ଏଚ୍ଆର୍‌ପିସି ଏସ୍‌ପି ଭାବେ ଦାୟିତ୍ୱରେ ଥିବା ଗୁପ୍ତା ମହାକୁଡ଼ଙ୍କୁ କଟକସ୍ଥିତ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଝାରସୁଗୁଡା ଏସ୍‌ପି ଭାବେ କାର୍ଯ୍ୟରତ ଅଶ୍ୱିନୀ କୁମାର ମହାନ୍ତି ସେହି ସ୍ଥାନରେ କାର୍ଯ୍ୟ କରିବେ। ସେହିପରି କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ମଧ୍ୟ ପୂର୍ବବତ ସେହି ସ୍ଥାନରେ ପଦୋନ୍ନତି ସହ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ ରାଜ୍ୟ ମେରାଇନ ପୋଲିସ ଏଆଇଜି ଶ୍ରୀକ୍ରିଷ୍ଣା ବେହେରାଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଏଆଇଜି ଭାବେ ବଦଳି କରାଯାଇଛି।

# ମହମ୍ମଦ ତାବ୍ରେଜ କଲିକତା ବିମାନବନ୍ଦରରୁ ଗିରଫ

## ବେଆଇନ ପଥର ଖଣି ମାମଲା

- ସ୍ତ୍ରୀଙ୍କ ସହ ଥାଇଲାଣ୍ଡ ଲୁଚି ପଳାଉଥିଲେ
- ଖଣି ଟଙ୍କାରେ ବିଦେଶରେ କରୁଥିଲେ ମଉଜ
- ଦୁଇଦିନିଆ ରିମାଣ୍ଡ ପାଇଁ ଆବେଦନ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

ଖୋର୍ଦ୍ଧା ବେଆଇନ ପଥର ଖଣି ଓ ଚୋରା ଚାଲାଣ ଘଟଣାର ଅନ୍ୟତମ ମାଷ୍ଟରମାଇଣ୍ଡ୍ ତଥା ପୋଲିସର ମୋଷ୍ଟ ୱାଣ୍ଟେଡ୍ ଥିବା ମହମ୍ମଦ ତାବ୍ରେଜଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ କଲିକତାରୁ ଗିରଫ କରିଛି। ସେ ନିଜ ସ୍ତ୍ରୀଙ୍କ ସହ ଥାଇଲାଣ୍ଡ ଲୁଚି ପଳାଉଥିବାବେଳେ ଏସ୍‌ଟିଏଫ୍ ଟିମ୍ ତାଙ୍କୁ କଲିକତା ନେତାଜୀ ସୁଭାଷଚନ୍ଦ୍ର ବୋଷ ବିମାନବନ୍ଦରରୁ ଧରିବାରେ ସକ୍ଷମ ହୋଇଛି। ତାଙ୍କ ନିକଟରୁ ପାସ୍‌ପୋର୍ଟ ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଗିରଫ ପରେ ତାବ୍ରେଜଙ୍କୁ ଏସ୍‌ଟିଏଫ୍ କଲିକତା ବାରାକପୁର କୋର୍ଟରେ ହାଜର କରିବା ପରେ ଭୁବନେଶ୍ୱରକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଥିଲା। ତାଙ୍କ ବିରୋଧରେ ଏସ୍‌ଟିଏଫ୍ କେସ୍ ନଂ.୭/୧୯, ଦଫା ୩୭୯, ୪୧୧, ୪୨୦, ୪୬୭, ୪୬୮, ୪୭୧, ୧୨୦(ବି), ୩୪ ଆଇପିସି ଏବଂ ୨୫/୨୭ ଆର୍ମ୍ସ ଆକ୍ଟ ଲଗାଯାଇଛି। ମଙ୍ଗଳବାର ତାଙ୍କୁ ଖୋର୍ଦ୍ଧା କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାତକୁ ପଠାଇ ଦିଆଯାଇଛି।

ମହମ୍ମଦ ତାବ୍ରେଜର ଘର ଟ୍ରିଓ୍ୱୋଲ ଥାନା ଅନ୍ତର୍ଗତ କ୍ରିଷ୍ଣାନନ୍ଦପୁରରେ ହୋଇଥିବାବେଳେ ସେ ଭୁବନେଶ୍ୱର ହଂସପାଳସ୍ଥିତ ମେଟ୍ରୋ ସାଟେଲାଇଟ୍ ଆପାର୍ଟମେଣ୍ଟରେ




ରହୁଥିଲେ। କିଶନନଗର ଥାନା ପୋଲିସ ପାଇଁ ତାବ୍ରେଜ ମୋଷ୍ଟ ୱାଣ୍ଟେଡ ଥିଲେ। ଖୋର୍ଦ୍ଧା ବେଆଇନ ପଥର ଖନନ ଓ ଚୋରା ଚାଲାଣ ମାମଲାର ତଦନ୍ତ କରୁଥିବା ଏସ୍‌ଟିଏଫ୍ ଗିରଫ କରିଥିବା କେତେଜଣ ଅଭିଯୁକ୍ତଙ୍କୁ ପଚରାଉଚରାବେଳେ ତାବ୍ରେଜଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏସ୍‌ଟିଏଫ୍ ତାଙ୍କୁ ଧରିବାକୁ ଉଦ୍ୟମ କରୁଥିବା ଜାଣିବା ପରେ ସେ କଲିକତା ପଳାଇଯାଇଥିଲେ। ସେଠାରୁ ସ୍ତ୍ରୀଙ୍କ ସହ ଥାଇଲାଣ୍ଡ ପଳାଇଯିବାକୁ ଉଦ୍ୟମ କରୁଥିଲେ। ଏସ୍‌ଟିଏଫ୍ ଫୋନ୍ ନମ୍ବର ଟ୍ରାକିଂ କରି ସେ କଲିକତାରେ ଥିବା ଜାଣିବା ପରେ ସବୁ ବିମାନବନ୍ଦରରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଦେଇଥିଲେ। ଏଥିସହ ଏସ୍‌ଟିଏଫ୍ ଟିମ୍ କଲିକତା ବିମାନବନ୍ଦରରେ ଜଗି ରହିଥିଲେ। ସେ ବିମାନ ବନ୍ଦର ଭିତରକୁ ପଶିବା ସମୟରେ ତାଙ୍କୁ କାବୁକରି ନିଆଯାଇଥିଲା।

### କ୍ରିକେଟ ଜଗତରୁ ଅପରାଧ ଦୁନିଆ

ତାବ୍ରେଜ ଜଣେ ଭଲ କ୍ରିକେଟ୍ ଖେଳାଳି ଥିଲେ। ସେ ଭଲ୍ ବ୍ୟାଟିଂ କରିବା ସହ ବୋଲିଂ କରନ୍ତି। ଏଥିପାଇଁ ସେ ଓଡିଶାରୁ ଇଣ୍ଡିଆ ଅଣ୍ଡର ୧୯ କ୍ରିକେଟ ଟିମ୍‌ରେ ସାମିଲ ହୋଇଥିଲେ। ଏପରି କି ସେ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଖେଳିଥିବା କୁହାଯାଉଛି। ହେଲେ ସମୟକ୍ରମେ ସେ କେନ୍ଦ୍ରାପଡାର ଜଣେ ଗ୍ୟାଙ୍ଗଷ୍ଟାରଙ୍କ ସଂସ୍ପର୍ଶରେ ଆସି ଅପରାଧ ଦୁନିଆରେ ପାଦ ଦେଇଥିଲେ। ଉକ୍ତ ଗ୍ୟାଙ୍ଗଷ୍ଟର ଜଣକ ମହମ୍ମଦ ତାବ୍ରେଜଙ୍କୁ ନାନା ଅପରାଧରେ ସାମିଲ୍ କରିବା ସହ ଖୋର୍ଦ୍ଧାରେ ପଥର ଖନନ କରି ଚୋରାରେ ବିକ୍ରି କରୁଥିଲେ। ରାତିରେ ପଥର ଖାଦାନରେ ବିସ୍ଫୋରଣ କରାଯାଉଥିବାରୁ ସ୍ଥାନୀୟ ଲୋକଙ୍କ ବିରୋଧକୁ ଦମନ ଦାୟିତ୍ୱ ନେଇଥିଲେ ତାବ୍ରେଜ। ପରବର୍ତ୍ତୀ ସମୟରେ ଉକ୍ତ ଗ୍ୟାଙ୍ଗଷ୍ଟାରଙ୍କଠାରୁ ଅଲଗା ହୋଇ ନିଜେ ଏକ ୧୦ ଜଣିଆ ଗ୍ୟାଙ୍ଗ୍ ଗଢି ପଥର ଚାଲାଣ କରିଥିଲେ। ଗ୍ୟାଙ୍ଗ୍‌ର ସମସ୍ତ ସଦସ୍ୟଙ୍କ ହାତରେ ବନ୍ଧୁକ ଧରାଇ ଦେଇଥିଲେ। ଲୋକେ ଅତିଷ୍ଠ ହୋଇ ବିରୋଧ କରୁଥିଲେ ସେମାନଙ୍କୁ ତାବ୍ରେଜ ବନ୍ଧୁକ ଭୟ ଦେଖାଇ ପାଟି ବନ୍ଦ କରି ଦେଉଥିଲେ।

### ପଥର ଟଙ୍କା ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଲାଗୁଥିଲା

ତାବ୍ରେଜ ଚୋରାପଥର କାରବାରରୁ ଯେଉଁ ବିପୁଳ କଳାଟଙ୍କା ପାଉଥିଲେ ତାହାକୁ ସେ ଧଳା କରିବାକୁ ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଲଗାଉଥିଲେ। ଇଷ୍ଟେଟ ବ୍ୟବସାୟରେ ନିଜେ ସମ୍ପୃକ୍ତ ରହି ଗ୍ୟାଙ୍ଗ୍ ସଦସ୍ୟଙ୍କୁ ପଥର ଖନନ ଓ ଚାଲାଣ କାର୍ଯ୍ୟରେ ନିୟୋଜିତ କରିଥିଲେ। ଯେଉଁ ଟଙ୍କା ଆସୁଥିଲା ତାବ୍ରେଜ ସେଥିରେ ମଉଜମସ୍ତି କରୁଥିଲେ। ଏପରି କି ବାରମ୍ବାର ବିଦେଶ ଯାଉଥିଲେ। ତେବେ ତାଙ୍କ ଅପରାଧ ଦୁନିଆ ସଂକ୍ରାନ୍ତରେ ଅଧିକ ଖୋଳତାଡ଼ ପାଇଁ ତାଙ୍କୁ ଏସ୍‌ଟିଏଫ୍ ୨ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିଥିବା ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର କହିଛନ୍ତି।

## ଶ୍ରୀମନ୍ଦିର ସୁରକ୍ଷା ଜୋନ୍



### ପୁଣି ଜମି ହସ୍ତାନ୍ତର କଲେ ୨ ପରିବାର

**ପୁରୀ ଅଫିସ,୨୯।୧୦**

ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ସରକାର ଜମି ଅଧିଗ୍ରହଣ ଆରମ୍ଭ କରିଛନ୍ତି। ଗତ ୨୧ତାରିଖରେ ପ୍ରଥମକରି ୫ ପରିବାର ସରକାରଙ୍କୁ ପ୍ରତ୍ୟକ୍ଷ ଜମି ବିକ୍ରି କରିଥିବାବେଳେ ପରେ ୧୧ ପରିବାର ଜମି ହସ୍ତାନ୍ତର କରିଥିଲେ। ପୁନଶ୍ଚ ଏହି ଧାରା ଜାରି ରହିବା ସହ ମଙ୍ଗଳବାର ୨ ପରିବାର ଏଥିରେ ସାମିଲ ହୋଇଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ସମ୍ପୃକ୍ତ ପରିବାର ଜମି ହସ୍ତାନ୍ତର କରିଛନ୍ତି। ସେମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ ସହ ଅଧିକ ୧୦ପ୍ରତିଶତ ସହାୟତା ରାଶି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଜିଲା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଏହି ସେଲ୍‌ଡିଡ୍ କରାଯାଇଛି। ବାସେଳିସାହିର ଏହି ୨ ପରିବାର ଜମି ବିକ୍ରି କରିଥିବା ଜଣାପଡ଼ିଛି।



ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ମଙ୍ଗଳବାର ଅନୁଷ୍ଠିତ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଲି ଦେଖୁଛନ୍ତି।

ଦୋକାନ ଗୃହ ଫାଇନାଲ ବିଲ୍ ପାସ୍ ପାଇଁ ୩୦ ହଜାର ଲାଞ୍ଚ

# ଭିଜିଲାନ୍ସ ଜାଲରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ

**ଖୋର୍ଦ୍ଧା ଅଫିସ, ୨୯।୧୦**

ଦୋକାନ ଗୃହର ଫାଇନାଲ ବିଲ ପାସ୍ କରିବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ନବ କୁମାର ଦାସ ଖୋର୍ଦ୍ଧା ଭିଜିଲାନ୍ସ ଦ୍ୱାରା ମଙ୍ଗଳବାର ଗିରଫ ହୋଇଛନ୍ତି। ଭିଜିଲାନ୍ସ ଲାଞ୍ଚ ଟଙ୍କା ଜବତ କରିବା ସହ ନଂ. ୪୯/୧୯ରେ ମାମଲା ରୁଜୁ କରି ପିଇଓଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପିଇଓ ଦାସଙ୍କୁ ଝାରପଡା ଜେଲ ଯିବାକୁ ପଡିଛି। ଅନ୍ୟପକ୍ଷେ ନବ କୁମାରଙ୍କ ଘର ଖୋର୍ଦ୍ଧା ମୁକନ୍ଦପ୍ରସାଦ ହୋଇଥିବାବେଳେ ସେ ଭୁବନେଶ୍ୱରର ବୁଦ୍ଧେଶ୍ୱର କଲୋନୀରେ ରହୁଥିଲେ। ତାଙ୍କ ବୁଦ୍ଧେଶ୍ୱର କଲୋନୀ ଘରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ ଚାଲିଛି।



ପଞ୍ଚାୟତରେ ଚତୁଃଦଶ ଅର୍ଥ କମିଶନ ଅନୁଦାନରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଦୋକାନ ଗୃହ ନିର୍ମାଣ ହୋଇଛି। ଦାଶରଥିପୁରର ନୀଳକଣ୍ଠ ପାତ୍ର ଓରଫ ଅଶୋକ କାର୍ଯ୍ୟାଦେଶ ପାଇଥିଲେ। ତବେ ନୀଳକଣ୍ଠ ପ୍ରାୟ ୮ ଲକ୍ଷ ଟଙ୍କା ପାଇ ସାରିଥିଲେ। ବକେୟା ଫାଇନାଲ ବିଲ୍ ପାଇବା ପାଇଁ ନୀଳକଣ୍ଠ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ନବ କିଶୋରଙ୍କୁ ସମସ୍ତ କାଗଜପତ୍ର ଦେଇଥିଲେ। ମାତ୍ର ବିଭିନ୍ନ ବାହାନା କରି ଦାସ ସମୟ ଗଡାଇ ଚାଲିଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ ନୀଳକଣ୍ଠ ନିଜର ବନ୍ଧୁ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଅରାଙ୍ଗ ଗାଁର ସନ୍ତୋଷ କୁମାର ସାହୁଙ୍କୁ ସମସ୍ତ ବିଷୟ ଜଣାଇ ସହଯୋଗ ମାଗିଥିଲେ। ସନ୍ତୋଷ ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ନବ କିଶୋରଙ୍କୁ କହିବାରେ ସେ ବିଲ ପାସ୍ କରି ଦେବାକୁ ୪୦ ହଜାର ଟଙ୍କା ମାଗିଥିଲେ। ତେବେ ପ୍ରଥମ କିସ୍ତିରେ ୩୦ ହଜାର ଟଙ୍କା ଦେବା ସହ ବିଲ୍ ପାସ ହେବା ପରେ ବଳକା ୧୦ ହଜାର ଟଙ୍କା ଦେବାକୁ କଥା ଛିଡ଼ିଥିଲା। ଏ ନେଇ ନୀଳକଣ୍ଠ ଓ ସନ୍ତୋଷ ଖୋର୍ଦ୍ଧା ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ମଙ୍ଗଳବାର ଅପରାହ୍ନ ୧ଟାରେ ପିଇଓ ନିଜ କାର୍ଯ୍ୟାଳୟରେ ଲାଞ୍ଚ ନେଉଥିବାବେଳେ ଧରା ପଡିଥିଲେ। ଭିଜିଲାନ୍ସ ଡିଏସ୍‌ପି ମନୋରଞ୍ଜନ ପାଇକରାୟଙ୍କ ନେତୃତ୍ୱରେ ଡିଏସ୍‌ପି ଅକ୍ଷୟ ମିଶ୍ର, ଇନ୍ସପେକ୍ଟର ଅଶୋକ ବିରୁଆ ପ୍ରମୁଖ ୫ ଜଣିଆ ଟିମ୍ ଚଢ଼ାଉ କରିଥିଲେ।

# ଆଜି ଆଣ୍ଡାମାନ ଫେରିଯିବେ ଅମ୍ରିତ

**ପୁରୀ ଅଫିସ, ୨୯।୧୦**

୨୬ ଦିନ ଧରି ଲୁଣି ପାଣି ପିଇ ଜୀବନ ସହ ସଂଘର୍ଷ କରି କୃଷ୍ଣପ୍ରସାଦ ବ୍ଲକ ଖିରିସାହି ସମୁଦ୍ରରେ ଲାଗିଥିଲେ ଆଣ୍ଡାମାନ ନାବିକ ଅମ୍ରିତ କୁଜୁର। ବୁଧବାର ସେ ଆଣ୍ଡାମାନ ଫେରିଯିବେ। ତାଙ୍କ ଫେରିବା ପାଇଁ ପର୍ଯ୍ୟଟନ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଫ୍ଲାଇଟ୍ ଟିକେଟ ସରିଥିବାବେଳେ ତାଙ୍କ ସହ ଜଣେ ଅଧିକାରୀ କଲିକତା ପର୍ଯ୍ୟନ୍ତ ଯିବେ। କଲିକତାରୁ ଆଣ୍ଡାମାନ ବିମାନରେ ସମ୍ପୃକ୍ତ ଅଧିକାରୀ ତାଙ୍କୁ ବସାଇ ଫେରିଆସିବେ ବୋଲି ଜଣାପଡ଼ିଛି। ବୁଧବାର ସନ୍ଧ୍ୟାରେ



ଜିଲାପାଳ ବଲଓ୍ୱନ୍ତ ସିଂଙ୍କୁ ଭେଟୁଛନ୍ତି ଅମ୍ରିତ।

ଭୁବନେଶ୍ୱର ବିମାନ ବନ୍ଦରରୁ ଅମ୍ରିତ କଲିକତା ଯିବେ ବୋଲି ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି।

ଅମ୍ରିତଙ୍କୁ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଚିକିତ୍ସାରେ ଅବହେଳା କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଏଡିଏମ୍ ପ୍ରଦୀପ କୁମାର ସାହୁ ହସ୍ପିଟାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କ ସହ କଥାବର୍ତ୍ତା କରିଥିଲେ। ସନ୍ଧ୍ୟାରେ ସେ ହସ୍ପିଟାଲରୁ ଯାଇ ଜିଲାପାଳ ବଲଓ୍ୱନ୍ତ ସିଂଙ୍କୁ ସାକ୍ଷାତ କରିବା ସହ ତାଙ୍କ ସଂଘର୍ଷମୟ କଥା ବଖାଣିଥିଲେ। ଜିଲାପାଳ ତାଙ୍କୁ ଏକ ପୋଷାକ ଉପହାର ଦେଇଥିଲେ। ସେଠାରେ ଏସ୍‌ପି ଉମାଶଙ୍କର ଦାଶ ଏବଂ ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ମାଡ଼

**କଟକ ଅଫିସ ୨୯।୧୦**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲର ଜଣେ ଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗରେ ମାଲଗୋଦାମ ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଅଟକ ରଖିଛି। ସେ ହେଲେ ସ୍ଥାନୀୟ କଲେଜ ଛକର ଡି. ଆପ୍ପାରାଓ (୨୧)। ଛାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଏ ନେଇ କେସ୍ ନଂ. ୨୨୧/୧୯ ରୁଜୁ କରି ଆପାରାଓଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ରେ ପଢୁଥିବା ଜଣେ ଛାତ୍ର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ଆପ୍ପାରାଓ ଏବଂ ତାଙ୍କର ଜଣେ ସାଥୀ ବାଇକରେ ଆସି ଛାତ୍ରଙ୍କୁ ଡାକିଥିଲେ। ପରେ ଦୁହେଁ ତାଙ୍କୁ ଗାଳିଗୁଲଜ କରିଥିଲେ। ଛାତ୍ର ଜଣକ ଏହାର ପ୍ରତିବାଦ କରିବାରୁ ଆପ୍ପାରାଓ ତାଙ୍କୁ ମାଡ଼ ମାରିବା ସହ ନାନା ଧମକଚମକ ଦେଇଥିଲେ। ମାଡ଼ରେ ଛାତ୍ରଙ୍କ ଆଖି ପାଖରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ହଷ୍ଟେଲର ଛାତ୍ରମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ମାଲଗୋଦାମ ଥାନା ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆପ୍ପାରାଓ ସମ୍ପୃକ୍ତ ଛାତ୍ରଙ୍କୁ ମାଡ଼ ମାରିଥିବା ପୋଲିସ ଆଗରେ କହିଛନ୍ତି ବୋଲି ଥାନା ଅଧିକାରୀ ରବିନାରାୟଣ ଭଞ୍ଜ ପ୍ରକାଶ କରିଛନ୍ତି।

ସୁପ୍ରିମକୋର୍ଟ, ବିସିଆଇଙ୍କ ତାଗିଦ୍ ସତ୍ତ୍ୱେ ଓଡ଼ିଶା ହାଇକୋର୍ଟ ବାର୍ ସଭାପତି କହିଲେ

# ଦାବି ପୂରଣ ନ ହେବାଯାଏ ଆନ୍ଦୋଳନ

**କଟକ ଅଫିସ,୨୯।୧୦**

ବିଭିନ୍ନ ଦାବି ନେଇ ପ୍ରାୟ ୨ମାସ ହେବ ଓଡ଼ିଶା ହାଇକୋର୍ଟବାର୍ ଆସୋସିଏଶନ ପକ୍ଷରୁ କୋର୍ଟ ବର୍ଜନ ଆନ୍ଦୋଳନ ଜାରି ରହିଛି। ଏହାକୁ ନେଇ ପ୍ରଥମେ ଓଡ଼ିଶା ହାଇକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ଏବଂ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ଓଡ଼ିଶା ହାଇକୋର୍ଟ ବାର୍ ସମେତ ୬୮ଟି ବାର୍ ଆସୋସିଏଶନକୁ ଆନ୍ଦୋଳନରୁ ଓହରିଯିବାକୁ ଚରମବାଣୀ ଶୁଣାଇଛନ୍ତି। ମାତ୍ର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ଆନ୍ଦୋଳନ ଜାରି ରଖିବ ବୋଲି ସଭାପତି ଗୋପାଳକୃଷ୍ଣ ମହାନ୍ତି ମଙ୍ଗଳବାର କହିଛନ୍ତି। ଏ ନେଇ ଦେଶର ପ୍ରମୁଖ ବାର୍ ଆସୋସିଏଶନ ସହ ଯୋଗାଯୋଗ କରାଯାଉଛି। ଆସନ୍ତା ୧ ତାରିଖରେ ହେବାକୁ ଥିବା ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ସୁପ୍ରିମକୋର୍ଟ ଏବଂ ବିସିଆଇ ଚିଠିକୁ ନେଇ ଆଲୋଚନା କରାଯାଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ସେ କହିଛନ୍ତି।

### ଦେଶର ଅନ୍ୟ ବାର୍ ଆସୋସିଏଶନ ସହ ଯୋଗାଯୋଗ ଚାଲିଛି

ପ୍ରକାଶଥାଉ କି, କଲେଜିୟମ ବ୍ୟବସ୍ଥାରେ ସୁଧାର, ନ୍ୟାଶନାଲ ଜୁଡ଼ିସିଆଲ୍ ଆପଏଣ୍ଟମେଣ୍ଟ କମିଶନଙ୍କ ଦ୍ୱାରା ହାଇକୋର୍ଟ ବିଚାରପତି ନିଯୁକ୍ତି, ଓଡ଼ିଶା ହାଇକୋର୍ଟ ଏବଂ ନିମ୍ନ ଅଦାଲତରେ ଖାଲି ପଡ଼ିଥିବା ବିଚାରପତି ପଦବୀ ପୂରଣ ଆଦି ଦାବି ନେଇ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଆନ୍ଦୋଳନ ଚାଲିଛି। ଆସୋସିଏଶନ ପକ୍ଷରୁ ପ୍ରଥମେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଅଦାଲତ ବର୍ଜନ କରାଯାଇଥିଲା। ଗତ ୧୪ ତାରିଖରେ ହାଇକୋର୍ଟଙ୍କ ସମସ୍ତ ଖଣ୍ଡପୀଠଙ୍କ ଅଦାଲତକୁ ଆଇନଜୀବୀ ବର୍ଜନ କରିଥିଲେ। ପରେ ଏହି ଆନ୍ଦୋଳନରେ ରାଜ୍ୟର ସମସ୍ତ ବାର୍ ଆସୋସିଏଶନ ସାମିଲ ହୋଇଥିଲେ। ଏ ନେଇ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଏଥିରେ ହାଇକୋର୍ଟ ବାର୍ ସମେତ ରାଜ୍ୟର ୬୮ଟି ବାର୍ ଆସୋସିଏଶନକୁ ପକ୍ଷଭୁକ୍ତ କରିଥିଲେ। ଏହି ମାମଲାରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବା ସହ ଆନ୍ଦୋଳନରତ ଆଇନଜୀବୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଛନ୍ତି। ସେହିପରି ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମେତ ଅଦାଲତ ଅବମାନନା ମାମଲାରେ ପକ୍ଷଭୁକ୍ତ ସମସ୍ତ ୬୮ଟି ବାର୍ ଆସୋସିଏଶନକୁ ତୁରନ୍ତ ଆନ୍ଦୋଳନରୁ ଓହରିଯିବା ପାଇଁ ଗତ ୨୬ତାରିଖରେ ବିସିଆଇ ପକ୍ଷରୁ କୁହାଯାଇଛି। ନଚେତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହାସତ୍ତ୍ୱେ ଆନ୍ଦୋଳନ ଚାଲିବ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ମହାନ୍ତି କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଓ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ ।

-ମହର୍ଷି ପରାଶର



## ସଂକ୍ଷେପରେ

### ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ

**ନିଶ୍ଚିନ୍ତକୋଇଲି,୨୯।୧୦(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଛି। ଏନେଇ ନାବାଳିକାଙ୍କ ବାପା ନେମାଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନଂ-୧୦୮/୧୯ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ଝିଅ ସ୍ଥାନୀୟ ଏକ କଲେଜରେ +୨ ପ୍ରଥମ ବର୍ଷ କଳା ଛାତ୍ରୀ ରୂପେ ଅଧ୍ୟୟନ କରୁଥିଲେ। ଗତ ୨୫ତାରିଖ ରାତିରେ ଅଞ୍ଚଳର ଜଣେ ଯୁବକ ତାଙ୍କ ଝିଅକୁ ଅପହରଣ କରି ନେଇଛନ୍ତି। ତେଣୁ ପୋଲିସ ତାଙ୍କ ଝିଅକୁ ଖୋଜି ଆଣିବାକୁ ସେ ନିବେଦନ କରିଛନ୍ତି।

### ଜଳବିବାଦ ଘଟଣାରେ ଆଉ ଜଣେ ଗିରଫ

**ନରସିଂହପୁର,୨୯।୧୦(ଡି.ଏନ.ଏ.):** ନରସିଂହପୁର ତହସିଲ ଅଧୀନ ସାଗର ଓ ପାଞ୍ଚଗୋଛିଆ ଗ୍ରାମ ମଧ୍ୟରେ ଚାମୁଣ୍ଡାପଲ୍ଲୀ ବନ୍ଧରୁ ପାଣି ନେବାକୁ ନେଇ ୩ ମାସ ତଳେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ପାଞ୍ଚଗୋଛିଆ ଗ୍ରାମର ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଗ୍ରାମରୁ ଏକାଧିକ ଲୋକ ଆହତ ହୋଇଥିଲେ। ଘଟଣାପରେ ପାଞ୍ଚଗୋଛିଆବାସୀ ଭୟରେ ଗ୍ରାମ ଛାଡି ଅନ୍ୟତ୍ର ବସବାସ କରିଥିଲେ। ସୋମବାର ରାତିରେ ନରସିଂହପୁର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ସାଗର ଗ୍ରାମର ବୁବୁ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଘଟଣାରେ ଉଭୟ ଗ୍ରାମରୁ ଏକାଧିକ ବ୍ୟକ୍ତି ଗିରଫ ହୋଇଛନ୍ତି।

### ଟାଟା ଏସିଇ ଜାଳିଦେଲେ ଦୁର୍ବୃତ୍ତ

**ନିଶ୍ଚିନ୍ତକୋଇଲି,୨୯।୧୦(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତ ବରପଡ଼ା ଗ୍ରାମରେ ଦୁର୍ବୃତ୍ତ ଏକ ଟାଟାଏସିଇ ଗାଡ଼ିକୁ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏନେଇ ଗାଡ଼ି ମାଲିକ ଗ୍ରାମର ହରେକୃଷ୍ଣ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ଗତ ୨୭ ତାରିଖ ରାତିରେ ହରେକୃଷ୍ଣ ଘର ଆଗରେ ଗାଡ଼ି ରଖିଥିଲେ। ରାତି ପ୍ରାୟ ୧୧ରେ କେହି ଦୁର୍ବୃତ୍ତ ଆସି ତାଙ୍କ ଗାଡ଼ିରେ ପେଟ୍ରୋଲ ଢାଳି ୪ଟି ଟାୟାରରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଜଳିବା ଦେଖି ବେହେରା ଦୌଡ଼ି ଆସି ଗାଁ ଲୋକଙ୍କୁ ଡ଼ାକ ପକାଇଥିଲେ। ଫଳରେ ଗାଁ ଲୋକେ ଆସି ନିଆଁକୁ ଆୟତ୍ତ କରିଥିଲେ। ଗ୍ରାମବାସୀଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯିବାରୁ ବର୍ତ୍ତିଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

### ଟ୍ରେନରୁ ଖସି ଶ୍ରମିକ ମୃତ

**ଆଠଗଡ଼, ୨୯।୧୦( ସ୍ୱ.ପ୍ର.):** ପୁରୀ ତାଳଚେର ପାସେଞ୍ଜର ଟ୍ରେନରୁ ଖସି ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋରାପୁଟ ଜିଲା କୋଟପାଡ଼ ଥାନା ଗୁମୁଣ୍ଡା ଅଞ୍ଚଳର ବନମାଳୀ ମାଝି(୫୩)। ସେ ଢ଼େଙ୍କାନାଳରେ ରହି ରେଳ ଧାରଣା ଶ୍ରମିକଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର କାମ ସାରି ରାତି ପ୍ରାୟ ୮ଟାରେ ରାଜା ଆଠଗଡ଼ ଷ୍ଟେସନରୁ ଢ଼େଙ୍କାନାଳ ଫେରୁଥିବା ବେଳେ ଟ୍ରେନରୁ ଖସି ପଡ଼ିଥିଲେ। ସାଥୀରେ ଥିବା କର୍ମଚାରୀ ଏହି ସମୟରେ ପାଟି କରିବାରୁ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ରେଳ ଧାରଣା କଡ଼ରୁ ଉଦ୍ଧାର କରିଥିଲେ। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପୂର୍ବତନ ସମିତିସଭ୍ୟଙ୍କ ମାତୃ ବିୟୋଗ

**ଲଳିତଗିରି,୨୯।୧୦(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରୁଦ୍ରନାରାୟଣ ସିଂହଙ୍କ ମା' ଏବଂ ସରପଞ୍ଚ ସୁଜାତା ସିଂହଙ୍କ ଶାଶୁ ରୋହିଣୀ ସିଂହ(୭୫)ଙ୍କ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣା, ପରୋପକାରୀ ମହିଳାଭାବେ ଅଞ୍ଚଳରେ ପରିଚିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ପ୍ରଦୀପ୍ତ ଭୂୟାଁ, ଜିତେନ୍ଦ୍ର ଶତପଥୀ, ହେମନ୍ତ ଦାସ, ଜ୍ଞାନେନ୍ଦ୍ର ସାହୁ, ନାରାୟଣ ଚନ୍ଦ୍ର ସିଂହ, କୃପାସିନ୍ଧୁ ସିଂହ, ମହେନ୍ଦ୍ରରଣ ସିଂହ ଓ ପ୍ରଦୀପ୍ତ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ବାର୍ହା, ମାଙ୍କଡ଼ପଲ ଉଜାଡୁଛନ୍ତି ଫସଲ

# ପଶ୍ଚିମାଞ୍ଚଳ ରେଞ୍ଜ କାର୍ଯ୍ୟାଳୟ ଘେରିଲେ ଚାଷୀ

**ନରସିଂହପୁର,୨୯।୧୦(ଡି.ଏନ.ଏ.)**



ପଶ୍ଚିମାଞ୍ଚଳ ରେଞ୍ଜ କାର୍ଯ୍ୟାଳୟ ଘେରାଉ କରିଛନ୍ତି କାକୁଡ଼ିଆ ଗ୍ରାମବାସୀ।

■କ୍ଷତିପୂରଣ ଦେବାକୁ ରେଞ୍ଜରଙ୍କ ପ୍ରତିଶ୍ରୁତି
■ଫସଲ ସୁରକ୍ଷା ମଧ୍ୟ ଯୋଗାଇ ଦିଆଯିବ

ନରସିଂହପୁର ବ୍ଲକ ଅଞ୍ଚଳର କାକୁଡ଼ିଆ ଗ୍ରାମବାସୀ ଚାଷ ଉପରେ ନିର୍ଭର କରିଥାନ୍ତି। ସେମାନେ ମହାନଦୀ କୂଳରେ ଧାନ, ଆଖୁ, ଆଳୁ, ରାଶି, ଡାଲି ଜାତୀୟ ଫସଲ ଓ ପନି ପରିବା କରି ପରିବାର ଚଳାଇଥାନ୍ତି। ହେଲେ ଦୀର୍ଘଦିନ ହେବ ସେମାନଙ୍କ ଫସଲକୁ ବାର୍ହା ଓ ମାଙ୍କଡ଼ପଲ ପଶି ନଷ୍ଟ କରୁଛନ୍ତି। ଏନେଇ ସେମାନେ ଅନେକ ଥର ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଫଳରେ ଫସଲ ହାନିର କ୍ଷତିପୂରଣ ଦାବିରେ ମଙ୍ଗଳବାର ସରପଞ୍ଚ ସୁନୀଲ ସାହୁ, ସମିତିସଭ୍ୟ ବିଜୟ ସାହୁ, ଗ୍ରାମ ସଭାପତି ନୀଳମଣି ସାହୁ, ପ୍ରଶାନ୍ତ ସାହୁ, ଅନନ୍ତ ଚନ୍ଦ୍ର ସାହୁ, ଶୁକଦେବ ସାହୁ, ଅନନ୍ତ ସାହୁ, ପ୍ରଭାତ ବେହେରା, ସାର୍ଥ ଖଟୁଆ, ବଟକୃଷ୍ଣ ମହାଳିକ, ରବିନାରାୟଣ ସାହୁ, ପ୍ରଫୁଲ୍ଲ ଜେନା, ବିରଞ୍ଚି ମଳିକ, କାଳନ୍ଦୀ ଚରଣ ଦାଶ ପ୍ରମୁଖ ସମେତ ଶତାଧିକ ଚାଷୀ ଏକ ଦାବିପତ୍ର ନେଇ ପଶ୍ଚିମାଞ୍ଚଳ ରେଞ୍ଜ କାର୍ଯ୍ୟାଳୟ ଘେରାଉ କରିଥିଲେ। ଦୀର୍ଘ ସମୟ ପରେ ରେଞ୍ଜର ଅଶୋକ ବେହେରା ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ରେଞ୍ଜର ବେହେରା ଗ୍ରାମବାସୀଙ୍କୁ ଚାଷ ଜମିରୁ ମାଙ୍କଡ ଏବଂ ବାର୍ହା ଘଉଡ଼ାଇବା ପାଇଁ ବ୍ୟବସ୍ଥା କରିବେ ବୋଲି କହିଥିଲେ। ଏଥିସହିତ ଯେଉଁ ଚାଷୀଙ୍କ ଫସଲ କ୍ଷତି ହୋଇଛି ସେମାନଙ୍କୁ କ୍ଷତିପୂରଣ ମିଳିବ ବୋଲି ପ୍ରତିଶ୍ରୁତି ଇଥିଲେ। ଏହାପରେ ଗ୍ରାମବାସୀ ଫେରି ଆସିଥିଲେ।

## ଧାନକିଣା ଟଙ୍କାକୁ ନେଇ ଗଣ୍ଡଗୋଳ

# ଜଣେ ଗୁରୁତର, ୩ ଆହତ

**ସାଲେପୁର,୨୯।୧୦(ଡି.ଏନ.ଏ.)**

ସାଲେପୁର ବ୍ଲକ ଜପକୁଦ ଫାଣ୍ଡି ଅଧୀନ ମାଳ ପଞ୍ଚାୟତର ଦଳିତ ସାହିରେ ମଙ୍ଗଳବାର ଧାନକିଣା ଟଙ୍କାକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ଗୋଟିଏ ପରିବାରର ଜଣେ ଗୁରୁତର ହୋଇଥିବାବେଳ ଅନ୍ୟ ୩ଜଣ ଆହତ ହୋଇଛନ୍ତି। ଗୁରୁତରଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତମାନେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁସାରେ, ଦଳିତ ସାହିର ବିଚ୍ଛୁ ସାମଲଙ୍କ ସ୍ତ୍ରୀ ବସନ୍ତ ଦେଢ଼ବର୍ଷ ତଳେ ପଡ଼ୋଶୀ ପ୍ରଫୁଲ୍ଲ ସାମଲଙ୍କଠାରୁ ୪ହଜାର ଟଙ୍କା ଆଣିଥିଲେ। ଏହି ଟଙ୍କାରେ ବସନ୍ତ ପ୍ରଫୁଲ୍ଲଙ୍କୁ ଧାନ ଦେବେ ବୋଲି କହିଥିଲେ। ଟଙ୍କା ନେବାର କିଛିଦିନ ପରେ ବସନ୍ତ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇଥିଲେ। ହେଲେ ଧାନ ଦେଇ ନ ଥିଲେ। ଫଳରେ ପ୍ରଫୁଲ୍ଲ ବସନ୍ତଙ୍କ ପୁଅ ରବୀନ୍ଦ୍ରଙ୍କୁ ଟଙ୍କା ଫେରାଇଦେବାକୁ କହିଥିଲେ। ଏହାପରେ ସେ କାକୁତି ମିନତି ହୋଇ ହଜାର ଟଙ୍କା ଫେରାଇଥିଲେ। କିନ୍ତୁ ମଙ୍ଗଳବାର ରବୀନ୍ଦ୍ର ତାଙ୍କ ବାପାଙ୍କ ଔଷଧ କିଣିବା ପାଇଁ ପ୍ରଫୁଲ୍ଲଙ୍କ ଘରବାଟ ଦେଇ ଆସୁଥିବାବେଳେ ହଠାତ୍ ପ୍ରଫୁଲ୍ଲ ଏକ ଶାବଳରେ ରବୀନ୍ଦ୍ରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ରବୀନ୍ଦ୍ରଙ୍କ ପରିବାର ଘଟଣାସ୍ଥଳକୁ ଆସିବା କ୍ଷଣି ପ୍ରଫୁଲ୍ଲଙ୍କ ପରିବାର ଲୋକେ ସଂଘବଦ୍ଧ ଭାବେ ସେମାନଙ୍କୁ ମାରପିଟ୍ କରିଥିଲେ। ଗଣ୍ଡଗୋଳରେ ରବୀନ୍ଦ୍ରଙ୍କ ମୁଣ୍ଡ ଫାଟିଥିବା ବେଳେ ତାଙ୍କର ବାପା ବିଚ୍ଛୁଙ୍କ ହାତ ଭାଙ୍ଗିବା ସହ ମୁଣ୍ଡରେ ଆଘାତ ଲାଗିଛି। ଏଥିସହିତ ରବୀନ୍ଦ୍ରଙ୍କ ଦାଦା ଭାଗବତ ଓ ରବୀନ୍ଦ୍ରଙ୍କ ସ୍ତ୍ରୀ ସୁମିତ୍ରା ଆହତ ହୋଇଛନ୍ତି। ବିଚ୍ଛୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନା ପଠାଇ ଦିଆଯାଇଛି। ଖବର ଲେଖାହେବାବେଳେକୁ ଫାଣ୍ଡିରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।



ଆକ୍ରମଣରେ ଆହତ ହୋଇଥିବା ପରିବାର।

# ମୋହନ ସୁବୁଦ୍ଧି କଲେଜ ବୁଲିଲେ ନୋଡାଲ ଅଫିସର

**ବଡ଼ମ୍ବା,୨୯।୧୦(ଡି.ଏନ.ଏ.)**

ସ୍ଥାନୀୟ ମୋହନସୁବୁଦ୍ଧି ମହାବିଦ୍ୟାଳୟକୁ ନୋଡାଲ ଅଫିସର ତଥା ଉପଶିକ୍ଷାସଚିବ ସୁରେଖା ସୁନ୍ଦରୀ ସ୍ୱାଇଁ ଓ ଉପଶିକ୍ଷା ନିର୍ଦ୍ଦେଶିକା ପରିଦର୍ଶନରେ ଆସିଥିଲେ। ଉଭୟ ଅଧିକାରୀ କଲେଜର ବିଭିନ୍ନ ବିଭାଗ ବୁଲି ଦେଖିବା ସହ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିସହିତ ସମସ୍ୟା ସମାଧାନ ପାଇଁ ମତ ପ୍ରଦାନ କରିଥିଲେ। ରୁଷା ଦ୍ୱାରା ପ୍ରଦତ୍ତ ବିଭିନ୍ନ ଅନୁଦାନର ସୁବିନିଯୋଗ ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ପରିଦର୍ଶନ ସମୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ କୁମାରେଶ ରଥ ଓ ଅନ୍ୟ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ପାଇଁ ରୁଷା ଦ୍ୱାରା ପ୍ରଦତ୍ତ ଅର୍ଥର ବିନିଯୋଗ(ନୂତନ ଗୃହ ନିର୍ମାଣ) ନିମନ୍ତେ ବିଭାଗୀୟ ଅନୁମୋଦନଲାଭ କରିଥିବା ଅଧ୍ୟକ୍ଷ ପ୍ରକାଶ କରିଥିଲେ।

# ୨ ମୋବାଇଲ ଲୁଟେରା ଗିରଫ

**ଆଠଗଡ଼,୨୯।୧୦(ସ୍ୱ.ପ୍ର.)**

ଆଠଗଡ଼ ପୋଲିସ ଟ୍ରାକିଂ କରି ମଙ୍ଗଳବାର ୨ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ଏଥିସହିତ ସେମାନେ ଲୁଟ୍ କରିଥିବା ୨ମୋବାଇଲ ଫୋନକୁ ଜବତ କରିଛି। ସେମାନେ ହେଲେ ଖୁଣ୍ଟକଟା ଗ୍ରାମର ହରି ଦେଉରୀ ଓ ମହେଶ୍ୱର ବେହେରା। ଗିରଫ ପରେ ଉଭୟଙ୍କୁ ଆଠଗଡ଼ ବିଚାର ବିଭାଗୀୟ ଅଦାଲତରେ ହାଜର କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, କିଛିଦିନ ହେବ ଆଠଗଡ଼ ଅଞ୍ଚଳରେ ବହୁ ମୋବାଇଲ ଫୋନ ଚୋରି ହୋଇଥିବା ବେଳେ ଅନେକ ସ୍ଥାନରେ ଲୁଟ୍, ରାହାଜାନି ଏବଂ ଛିନତାଇ ଘଟଣା ଘଟିଥିଲା। ଫଳରେ ଏହା ପୋଲିସର ନିଦ ହଜାଇ ଦେଇଥିଲା।

ବିଭିନ୍ନ ଘଟଣାରେ ସମ୍ପୃକ୍ତ ଅପରାଧିଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ଉପାୟ ଅବଲମ୍ବନ କରୁଥିବା ବେଳେ ଅକ୍ଟୋବର ୧୮ରେ ଖୁଣ୍ଟକଟାରୁ ୨ଟି ମୋବାଇଲ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନଂ-୨୬୦/୧୯ ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ସବ୍‌ଇନ୍ସପେକ୍ଟର ସର୍ବେଶ୍ୱର ନାୟକ ଟ୍ରାକିଂର ସହାୟତା ନେଇଥିଲେ। ଏହି ଫୋନ ଟ୍ରାକିଂ ଦ୍ୱାରା ମୋବାଇଲ ଲୁଟେରାଙ୍କ ସମ୍ପର୍କରେ ସୋମବାରଠାରୁ ସୂଚନା ମିଳିଥିଲା। ସୂଚନା ଆଧାରରେ ମଙ୍ଗଳବାର ସକାଳେ ଏସଆଇ ନାୟକ, ଏସଆଇ ବିଚିତ୍ରାନନ୍ଦ ଲେଙ୍କା ଓ ଏସଆଇ ସନ୍ତୋଷ ପ୍ରଧାନ ପ୍ରମୁଖ ଚଢ଼ାଉ କରିଥିଲେ।

# ମହିଳା ଏନ୍‌ସିସି ଅଧିକାରୀଙ୍କ ବାଙ୍କୀ ପରିଦର୍ଶନ



ଛାତ୍ରୀମାନଙ୍କ ଗହଣରେ ମହିଳା ଏନ୍‌ସିସି କମାଇଣ୍ଡିଂ ଅଫିସର ଓ ଅନ୍ୟମାନେ।

**ବାଙ୍କୀ,୨୯।୧୦(ସ୍ୱ.ପ୍ର.)**

ରାଜ୍ୟ ମହିଳା ଏନସିସି କମାଇଣ୍ଡିଂ ଅଫିସର କର୍ଣ୍ଣେଲ ଚକ୍ରଧର ସାହୁ ମଙ୍ଗଳବାର ବାଙ୍କୀ ପରିଦର୍ଶନରେ ଆସିଥିଲେ। ସେ ପ୍ରଥମେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ମହିଳାବାହିନୀ ଦ୍ୱାରା ବିଭିନ୍ନ ସେବାମୂଳକ କାର୍ଯ୍ୟ ଓ ଉକ୍ତବାହିନୀ ଦ୍ୱାରା ଅନୁଷ୍ଠିତ ହେଉଥିବା ସମସ୍ତ କାର୍ଯ୍ୟକୁ ସମୀକ୍ଷା କରିଥିଲେ। ଏଥିସହିତ ମହିଳା ବାହିନୀର ସମସ୍ତ ଛାତ୍ରୀଙ୍କୁ ଏନ୍‌ସିସି ସମ୍ବନ୍ଧରେ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନିବାସିନୀ ପଣ୍ଡା ଓ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମହିଳା ଏନସିସି ଅଧିକାରୀ କ୍ୟାପ୍ଟେନ୍ ଡ. ସନ୍ଧ୍ୟାରାଣୀ ମହାନ୍ତି ପରିଚାଳନା କରିଥିଲେ। ପରେ କର୍ଣ୍ଣେଲ ସାହୁ ବାଙ୍କୀ ସରକାରୀ ବାଳିକା ହାଇସ୍କୁଲ ପରିଦର୍ଶନ କରି ମହିଳା ଏନ୍‌ସିସି ସମ୍ପର୍କରେ ଆଲୋଚନା କରିଥିଲେ। ବାଳିକା ସମର ଶିକ୍ଷାର୍ଥୀ ବାହିନୀ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମର ଫଟୋଚିତ୍ରକୁ ଥାର୍ଡ ଅଫିସର ଜୟନ୍ତୀ ଗୋଛି, ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଳା ସାହୁ କର୍ଣ୍ଣେଲ ସାହୁଙ୍କୁ ଦେଖାଇଥିଲେ। ପରେ କର୍ଣ୍ଣେଲ ସାହୁ ବ୍ରହ୍ମପୁରା ସଚଳାଦେବୀ ବାଳିକା ହାଇସ୍କୁଲ ଓ କଳାପଥର-ଧଳାପଥର ହାଇସ୍କୁଲକୁ ପରିଦର୍ଶନରେ ଯାଇ ଏନସିସି କାର୍ଯ୍ୟ ତଦାରଖ କରିଥିଲେ। କାର୍ଯ୍ୟକ୍ରମରେ ସଚାଳାଦେବୀ ହାଇସ୍କୁଲର ଥାର୍ଡ ଅଫିସର ବିଦ୍ୟୁଲତା ପଣ୍ଡା ଓ କଳାପଥର-ଧଳାପଥର ହାଇସ୍କୁଲର ଥାର୍ଡ ଅଫିସର ବୈଜୟନ୍ତୀ ବାଳା ପଣ୍ଡା ସହଯୋଗ କରିଥିଲେ। କର୍ଣ୍ଣେଲ ସାହୁଙ୍କ ସହ ବାଳିକା ଏନ୍‌ସିସି ସଂଯୋଜିକା ଅନୁସୟା ବେହେରା ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ।

# ସ୍କୁଲ ଗାଡ଼ି ଦୁର୍ଘଟଣା: ବର୍ତ୍ତିଲେ ଛାତ୍ରୀଛାତ୍ର

**ମାହାଙ୍ଗା,୨୯।୧୦(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅନ୍ତର୍ଗତ ସାଲେପୁର-ଛତିଆ ପୂର୍ତ୍ତରାସ୍ତାର ଗୌଡ଼ପଡ଼ା ଛକ ନିକଟରେ ଏକ ସ୍କୁଲ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିଛି। ମାତ୍ର ୧୦ରୁ ଉର୍ଦ୍ଧ୍ୱ ପିଲା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶଯୋଗ୍ୟ, ସାଲେପୁର ଥାନା ବହୁଗ୍ରାମ ଭାତପଡା ନାଳନ୍ଦା ପବ୍ଲିକ୍ ବିଦ୍ୟାଳୟର ଏକ ଟାଟା ମ୍ୟାଜିକ ଗାଡିରେ ୧୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ମାହାଙ୍ଗା ଆସୁଥିଲେ। ଗୋଡ଼ପଡା ବଜାର ନିକଟରେ କୌଣସି କାରଣବଶତଃ ଗାଡିଟି ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଏକ ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇଥିଲା। ଏଥିରେ ବିଦ୍ୟୁତ୍ ଖୁଣ୍ଟିଟି ଭାଙ୍ଗି ଯାଇ ରାସ୍ତାରେ ପଡିଥିଲା। କିନ୍ତୁ ଏହି ଦୁର୍ଘଟଣା ଘଟିବାର କେଇ ମିନିଟ୍ ପୂର୍ବରୁ ସୌଭାଗ୍ୟବଶତଃ ବିଦ୍ୟୁତ୍ କଟ ହୋଇଥିଲା। ଫଳରେ ଏଥିରେ ଥିବା ଛାତ୍ରୀଛାତ୍ର ଏକ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବାବେଳେ କେତେଜଣ ଛାତ୍ରୀଛାତ୍ର ସାମାନ୍ୟ ଆହତ ହୋଇଛନ୍ତି। ଖବର ଲେଖାହେବା ବେଳକୁ ଘଟଣାସ୍ଥଳରେ ପୋଲିସ ପହଞ୍ଚି ନ ଥିଲା।

# ବିଧାୟକଙ୍କ ଆହାର କେନ୍ଦ୍ର ପରିଦର୍ଶନ

**ବାଙ୍କୀ,୨୯।୧୦(ସ୍ୱ.ପ୍ର.)**

ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମଙ୍ଗଳବାର ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ଖାଦ୍ୟର ମାନ ଓ ସ୍ୱଚ୍ଛତାକୁ ତନଖିବା ସହ ୫ଟଙ୍କା ଦେଇ ଆହାର ଖାଇଥିଲେ। ଏହାପରେ ସେ କେନ୍ଦ୍ରରେ ଖାଉଥିବା ଲୋକଙ୍କୁ ଖାଦ୍ୟର ସ୍ୱଚ୍ଛତା ଓ ସ୍ୱାଦ ସମ୍ପର୍କରେ ପଚାରି ବୁଝିଥିଲେ। ବିଧାୟକଙ୍କ ପରିଦର୍ଶନ ସମୟରେ ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର, ଏନଏସି କନିଷ୍ଠ ଯନ୍ତ୍ରୀ ଦିଲୀପ ସ୍ୱାଇଁ, ଏନଏସି ସ୍ୱଚ୍ଛତା କାର୍ଯ୍ୟକର୍ତ୍ତା ବିଜୟ ରାଜ, ଆହାର କେନ୍ଦ୍ରରେ ଥିବା ସରକାରୀ ନୋଡାଲ ଅଫିସର ରୁଦ୍ରପତି, ବାଙ୍କୀ ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ବାଙ୍କୀ ଆଥଲେଟିକ ସମ୍ପାଦକ ସନ୍ତୋଷ କୁମାର ରଣା ଓ ପଠାଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଯାତ୍ରାକୁ ସରକାରୀ ମାନ୍ୟତା ନିଷ୍ପତ୍ତି ୧ରେ

**କଟକ ଅଫିସ, ୨୯।୧୦:**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ତଥା କଟକ ମହାନଗର ନିଗମ (ସିଏମ୍‌ସି)ର ପ୍ରଶାସନିକ ଅଧିକାରୀ ଅନିଲ ସାମଲ ମଙ୍ଗଳବାର ବାଲିଯାତ୍ରା ପଡ଼ିଆ ଅନୁଧ୍ୟାନ କରିଛନ୍ତି। ତାଙ୍କ ସହିତ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ବାଲିଯାତ୍ରା କିପରି ସୁରୁଖୁରୁରେ ହେବ, କେଉଁ ସ୍ଥାନରେ ଷ୍ଟଲ ବସିବ, କେଉଁଠି ଷ୍ଟେଜ ନିର୍ମାଣ ହେବ, ପର୍ଯ୍ୟଟକଙ୍କ ପାଇଁ କ'ଣ ବ୍ୟବସ୍ଥା ରହିବ ସେ ନେଇ ଜିଲାପାଳ ଏବଂ ସିଏମ୍‌ସି କମିଶନରଙ୍କ ସହ ଆଲୋଚନା କରିଥିଲେ।

ଆର୍‌ଡିସି ସାମଲ କହିଛନ୍ତି, କଟକର ଐତିହାସିକ ବାଲିଯାତ୍ରା ନିଆରା। ବାଲିଯାତ୍ରା ପଡ଼ିଆ ବୁଲି ଦେଖିଛୁ। ଷ୍ଟଲ ବ୍ୟବସ୍ଥା ସହ ବିଭିନ୍ନ କାର୍ଯ୍ୟକ୍ରମ ଯେପରି ସୁରୁଖୁରୁରେ ହୋଇପାରିବ ତାହା ଅନୁଧ୍ୟାନ କରିଛୁ। ବାଲିଯାତ୍ରା ପାଇଁ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବା ଅଭିଯୋଗର ଅନୁଧ୍ୟାନ କରାଯାଉଛି। ଏ ନେଇ ଆସନ୍ତା ୧ରେ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ହେବ। ଜିଲାପାଳ କହିଛନ୍ତି, ମହାନଦୀ ପ୍ରତି ସଚେତନତା ସୃଷ୍ଟି କରାଯିବ। ବାଲିଯାତ୍ରାକୁ ପ୍ରଦୂଷଣମୁକ୍ତ କରାଯିବା ସହ ଜଳକ୍ରୀଡ଼ା ଆୟୋଜନ ଲାଗି ନିଷ୍ପତ୍ତି ହୋଇଛି। ଏଥର ୪ଟି ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ବିଭିନ୍ନ କଳା ଐତିହ୍ୟକୁ ନେଇ ଏକ ପାଭିଲିୟନ ହେବ ଯେଉଁଠାରେ ଓଡ଼ିଶାର କଳା ଐତିହ୍ୟ ପ୍ରଦର୍ଶନ କରାଯିବ। ବାଲିଯାତ୍ରାକୁ ପ୍ରଦୂଷଣମୁକ୍ତ କରିବା ପାଇଁ 'ମୋ କଟକ ବାଲିଯାତ୍ରା ରିକ୍ସା' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ପ୍ରାୟ ୧ ହଜାର ରିକ୍ସା ସାମିଲ ହେବ। ଏ ନେଇ ରିକ୍ସା ୟୁନିୟନ ସହିତ କଥାବାର୍ତ୍ତା ସରିଛି। ଲୋକେ ଯେପରି ଗାଡ଼ିମୋଟର ଛାଡ଼ି ରିକ୍ସାରେ ବୁଲି ବାଲିଯାତ୍ରାର ମଜା ନେଇପାରିବେ ସେଥିଲାଗି ରିକ୍ସାବାଲାଙ୍କୁ ପ୍ରଶିକ୍ଷଣ ଓ ଡ୍ରେସ ଦିଆଯିବ। ଏଥର ବାଲିଯାତ୍ରାରେ ୧୫୦୦ ଷ୍ଟଲ ବ୍ୟବସ୍ଥା ହୋଇଛି। ୨୩ରୁ ୨୯ ତାରିଖ ସୁଦ୍ଧା ୧କୋଟି ୨୯ଲକ୍ଷ ୫୦ହଜାର ୨୫୦ ଟଙ୍କା ସଂଗ୍ରହ ହୋଇଛି। ବର୍ଷା ପାଇଁ ଆଉ ଦୁଇଦିନ ଷ୍ଟଲ ବିକ୍ରି ସମୟସୀମା ବୃଦ୍ଧି କରାଯାଇଛି। ଓର୍‌ମାସ୍ ପକ୍ଷରୁ ୪୧୨ଟି ଷ୍ଟଲ ଖୋଲାଯିବ। ପଥ ଉତ୍ସବରେ ୩୦ତାରିଖ ପର୍ଯ୍ୟନ୍ତ କଲଚରାଲ ଗ୍ରୁପଗୁଡ଼ିକ ନାମ ପଞ୍ଜୀକରଣ କରିବେ। ପରେ ସ୍ୱାଧୀନ ଭାବେ କଳା ପ୍ରଦର୍ଶନ ଲାଗି କଳାକାରଙ୍କ ନାମ ପଞ୍ଜୀକରଣ କରାଯିବ।

## ରୋଗୀକଲ୍ୟାଣ ସମିତି ବୈଠକରେ ବିଧାୟକଙ୍କ ଆହ୍ୱାନ

# ଅସୁବିଧା ହେଲେ ମୋତେ ଜଣାଅ

**ବାଙ୍କୀ,୨୯।୧୦(ସ୍ୱ.ପ୍ର.)**





ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ରୋଗୀକଲ୍ୟାଣ ସମିତି ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଧୂଳେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ କମିଟି ଅଧ୍ୟକ୍ଷ ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରି କହିଥିଲେ, ଜନସାଧାରଣ ଯେପରି ଚିକିତ୍ସାଳୟରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପ୍ରତି ଡାକ୍ତରମାନେ ଧ୍ୟାନ ଦେବା ଆବଶ୍ୟକ। ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ମୋ ସରକାର କାର୍ଯ୍ୟକ୍ରମକୁ ସମସ୍ତେ ଗୁରୁତର ସହ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଖାନାରେ ୨୪ଘଣ୍ଟା ଡାକ୍ତର ଉପସ୍ଥିତ ରହିବା ସହ ରୋଗୀଙ୍କୁ ଉଚିତ ଚିକିତ୍ସା ପ୍ରଦାନ ପାଇଁ କହିଥିଲେ। ଏଥିସହ ରକ୍ତଭଣ୍ଡାର ଚାଲୁ କରିବା, ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ, ଡେପୁଟେଶନ୍‌ରେ ଅନ୍ୟତ୍ର ଯାଇଥିବା ଡାକ୍ତରଙ୍କୁ ଏଠାକୁ ଫେରାଇ ଆଣିବା ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରୋଗୀଙ୍କ ନାମପଞ୍ଜିକରଣ କେନ୍ଦ୍ରକୁ କମ୍ପ୍ୟୁଟରାଇଜ୍ କରିବା, ନୂତନ ଭାବେ ନିର୍ମାଣ ହୋଇଥିବା ଷ୍ଟାଫ୍ କ୍ୱାର୍ଟରକୁ ବିଦ୍ୟୁତ, ଜଳ ଯୋଗାଣ ଏବଂ ସୁରକ୍ଷା ନିମନ୍ତେ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚିକିତ୍ସାଳୟରେ ରାତ୍ର ସମୟରେ ପୋଲିସ ପାଟ୍ରୋଲିଂକୁ କଡାକଡି କରିବା ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବହିର୍ବିଭାଗ ରୋଗୀଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି। ଯଦି କୌଣସି ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କ ଡାକ୍ତରଖାନାରେ ଅସୁବିଧା ଦେଖାଯାଏ ତେବେ ବିଧାୟକଙ୍କ ସହ ଯୋଗଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ମହେନ୍ଦ୍ର ଦାଶ, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ ବିଶ୍ୱାଳ, ରୋଗୀକଲ୍ୟାଣ ସମିତିର ଡା. ବିଶ୍ୱମୋହନ ରାଉତରାୟ, ବାଙ୍କୀ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର, ଡମପଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରତୀମା ଦଳେଇ, ପୂର୍ତ୍ତବିଭାଗ ଯନ୍ତ୍ରୀ ବିନୟ ପଣ୍ଡା, ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଅଧିକାରୀ ପୁଷ୍ପଲତା ମହାପାତ୍ର, ପରିଚାଳନା କମିଟି ସଭ୍ୟ ସନ୍ତୋଷ ରଣା, ସମରେନ୍ଦ୍ର ମହାପାତ୍ର, ପଠାଣି ବେହେରା, ଡମପଡ଼ା ମହିଳା ଶିଶୁ ବିକାଶ ଅଧିକାରୀ ବନଲତା ମହାନ୍ତି, ଡମପଡ଼ା ଅୟୁଷ ଡା. ବିଚିତ୍ର ନାୟକ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ସନ୍ତୋଷ ମହାପାତ୍ର, ଏନଏସି କନିଷ୍ଠ ଯନ୍ତ୍ରୀ ଦିଲୀପ ସ୍ୱାଇଁ, ଡମପଡ଼ା ବ୍ଲକ ଚେୟାର ମ୍ୟାନ ଶଶାଙ୍କ ଶେଖର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପଖଣ୍ଡ ଚିକିତ୍ସାଳୟ ମ୍ୟାନେଜର ଶଶିକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଓ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
-ମହର୍ଷି ପରାଶର



# ବାଲିଯାତ୍ରା ପଡ଼ିଆ ଅନୁଧ୍ୟାନ କଲେ ଆର୍‌ଡିସି

## ବାଲିଯାତ୍ରାକୁ ସରକାରୀ ମାନ୍ୟତା ନିଷ୍ପତ୍ତି ୧ରେ



ବାଲିଯାତ୍ରା ପଡ଼ିଆ ବୁଲି ଦେଖୁଛନ୍ତି ଆର୍‌ଡିସି ଅନିଲ କୁମାର ସାମଲ ଏବଂ ଅନ୍ୟ ଅଧିକାରୀ।

କଟକ ଅଫିସ, ୨୯।୧୦

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ତଥା କଟକ ମହାନଗର ନିଗମ (ସିଏମ୍‌ସି)ର ପ୍ରଶାସନିକ ଅଧିକାରୀ ଅନିଲ କୁମାର ସାମଲ ମଙ୍ଗଳବାର ବାଲିଯାତ୍ରା ପଡ଼ିଆ ଅନୁଧ୍ୟାନ କରିଛନ୍ତି। ତାଙ୍କ ସହିତ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ବାଲିଯାତ୍ରା କିପରି ସୁରୁଖୁରୁରେ ଶେଷ ହେବ, କେଉଁ ସ୍ଥାନରେ ଷ୍ଟଲ ବସିବ, କେଉଁଠି ଷ୍ଟେଜ ନିର୍ମାଣ ହେବ, ପର୍ଯ୍ୟଟକଙ୍କ ପାଇଁ କ'ଣ ସବୁ ବ୍ୟବସ୍ଥା ରହିବ ସେ ନେଇ ଜିଲାପାଳ ଏବଂ ସିଏମ୍‌ସି କମିଶନରଙ୍କ ସହ ଆଲୋଚନା କରିଥିଲେ।

ଆର୍‌ଡିସି ତଥା ପ୍ରଶାସନିକ ଅଧିକାରୀ ସାମଲ କହିଛନ୍ତି, କଟକର ଐତିହାସିକ ବାଲିଯାତ୍ରା ନିଆରା। ମଙ୍ଗଳବାର ବାଲିଯାତ୍ରା ପଡ଼ିଆ ବୁଲି ଦେଖିଛୁ। ଷ୍ଟଲ ବ୍ୟବସ୍ଥା ସହ ବିଭିନ୍ନ କାର୍ଯ୍ୟକ୍ରମ ଯେପରି ସୁରୁଖୁରୁରେ ହୋଇପାରିବ ତାହା ଅନୁଧ୍ୟାନ କରିଛୁ। ରାସ୍ତା, ବିଦ୍ୟୁତ, ପିଇବା ପାଣି, ଶୌଚାଳୟ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିବା ସହ ବିଭାଗ ମଧ୍ୟରେ ସମନ୍ୱୟ ରଖି କିପରି ବାଲିଯାତ୍ରାକୁ ସମ୍ପନ୍ନ କରାଯିବ ସେ ଦିଗରେ ଧ୍ୟାନ ଦିଆଯାଉଛି। ବାଲିଯାତ୍ରା ପାଇଁ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବା ଅଭିଯୋଗର ଅନୁଧ୍ୟାନ କରାଯାଉଛି। ଏ ନେଇ ଆସନ୍ତା ୧ ତାରିଖରେ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ସେହିପରି ଜିଲାପାଳ କହିଛନ୍ତି, ମହାନଦୀ ପ୍ରତି ସଚେତନତା ସୃଷ୍ଟି କରାଯିବ। ବାଲିଯାତ୍ରାକୁ ପ୍ରଦୂଷଣମୁକ୍ତ କରାଯିବା ସହ ଜଳକ୍ରୀଡ଼ା ଆୟୋଜନ ଲାଗି ନିଷ୍ପତ୍ତି ହୋଇଛି। ଏଥର ୪ଟି ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ବିଭିନ୍ନ କଳା ଐତିହ୍ୟକୁ ନେଇ ଏକ ପାଭିଲିୟନ ହେବ ଯେଉଁଠାରେ ଓଡ଼ିଶାର କଳା ଐତିହ୍ୟ ପ୍ରଦର୍ଶନ କରାଯିବ। ବାଲିଯାତ୍ରାକୁ ପ୍ରଦୂଷଣମୁକ୍ତ କରିବା ପାଇଁ 'ମୋ କଟକ ବାଲିଯାତ୍ରା ରିକ୍ସା' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ପ୍ରାୟ ୧ ହଜାର ରିକ୍ସା ସାମିଲ ହେବ। ଏ ନେଇ ରିକ୍ସା ୟୁନିୟନ ସହିତ କଥାବାର୍ତ୍ତା ସରିଛି। ଲୋକେ ଯେପରି ଗାଡ଼ିମୋଟର ଛାଡ଼ି ରିକ୍ସାରେ ବୁଲି ବାଲିଯାତ୍ରାର ମଜା ନେଇପାରିବେ ସେଥିଲାଗି ରିକ୍ସାବାଲାଙ୍କୁ ପ୍ରଶିକ୍ଷଣ ଓ ଡ୍ରେସ ଦିଆଯିବ। ଏଥର ବାଲିଯାତ୍ରାରେ ୧୫୦୦ ଷ୍ଟଲ ବ୍ୟବସ୍ଥା ହୋଇଛି। ମଙ୍ଗଳବାର ସୁଦ୍ଧା ୮୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ବିକ୍ରି ସରିଛି। ୨୩ରୁ ୨୯ ତାରିଖ ସୁଦ୍ଧା ୧କୋଟି ୨୯ଲକ୍ଷ ୫୦ହଜାର ୨୫୦ ଟଙ୍କା ସଂଗ୍ରହ ହୋଇଛି। ବର୍ଷା ପାଇଁ ଆଉ ଦୁଇଦିନ ଷ୍ଟଲ ବିକ୍ରି ସମୟସୀମା ବୃଦ୍ଧି କରାଯାଇଛି। ଓର୍‌ମାସ୍ ପକ୍ଷରୁ ୪୧୨ଟି ଷ୍ଟଲ ଖୋଲାଯିବ। ପଥ ଉତ୍ସବରେ ୩୦ତାରିଖ ପର୍ଯ୍ୟନ୍ତ କଲଚରାଲ ଗ୍ରୁପଗୁଡ଼ିକ ନାମ ପଞ୍ଜୀକରଣ କରିବେ। ପରେ ସ୍ୱାଧୀନ ଭାବେ କଳା ପ୍ରଦର୍ଶନ ଲାଗି କଳାକାରଙ୍କ ନାମ ପଞ୍ଜୀକରଣ କରାଯିବ।



କଟକ ମେହେନ୍ଦୀପୀରଠାରେ ବିହାରୀ ସମ୍ପ୍ରଦାୟ ମହିଳାଙ୍କ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ପାରମ୍ପରିକ ଗିରି ଗୋବର୍ଦ୍ଧନ ପୂଜା।

# ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ବରିଷ୍ଠ ନାଗରିକ ମହାସଭା

କଟକ ଅଫିସ, ୨୯।୧୦

ଐତିହାସିକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ପାଇଁ କଟକ ବରିଷ୍ଠ ନାଗରିକ ମହାସଭାର ଏକ ସ୍ୱତନ୍ତ୍ର ଅଧିବେଶନରେ ଦାବି କରାଯାଇଛି। ଏ ନେଇ ମହାସଭାର ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ମଙ୍ଗଳବାର ଏହି ଉପଲକ୍ଷ କେଶରପୁରରେ ଆୟୋଜିତ ବୈଠକରେ ମହାସଭାର ସଭାପତି ପ୍ରଫେସର ଡକ୍ଟର କୃପାସିନ୍ଧୁ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ ପ୍ରାରମ୍ଭିକ ସୂଚନା ଦେଇ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବାର ଯୁକ୍ତିଯୁକ୍ତତା ସମ୍ପର୍କରେ ମତ ରଖିଥିଲେ। ବରିଷ୍ଠ ପ୍ରଶାସକ ପଦ୍ମନାଭ ସାମଲ ଜାତୀୟ ମାନ୍ୟତା ସମ୍ପର୍କରେ ଦୃଢ଼ ମତ ଉପସ୍ଥାପନ କରିଥିଲେ। ପ୍ରଫେସର ପ୍ରଭାତ କୁମାର ମିଶ୍ର କ୍ଷୋଭ ପ୍ରକଟ କରି କହିଥିଲେ, ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ପାଇଁ କଟକବାସୀଙ୍କୁ ରାଜ୍ୟ ସରକାରଙ୍କ ଆଗରେ ହାତପାତି ନେହୁରା ହେବାକୁ ପଡୁଛି। କଟକର ପ୍ରତ୍ୟେକ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ଲେଖି ଦାବି ଜଣାଇବାକୁ ରବୀନ୍ଦ୍ରନାଥ ମହାନ୍ତି ପ୍ରସ୍ତାବ ଦେଇଥିଲେ। ବରିଷ୍ଠ ଖବରଦାତା ଅରୁଣ କୁମାର ପଣ୍ଡା କହିଥିଲେ, ଉତ୍ତର ଭାରତର ସୁରଜକୁଣ୍ଡ ମେଳା, ପଶ୍ଚିମବଙ୍ଗର ଗଙ୍ଗାସାଗର ମେଳାକୁ ଯେପରି ଅନ୍ତର୍ଜାତୀୟ ମାନ୍ୟତା ମିଳିଛି କଟକ ବାଲିଯାତ୍ରା ସେମାନଙ୍କ ତୁଳନାରେ କମ୍ ନୁହେଁ। ଏଣୁ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦିଆଯିବା ଉଚିତ। ବୈଠକରେ ନମିତା ପଣ୍ଡା, ଡା. ପ୍ରମୋଦ କୁମାର ମହାପାତ୍ର, ସୁଦିପ୍ତା ଦାଶ, ଡା. ଟହଲି ଚରଣ ମହାନ୍ତି, ପରୀକ୍ଷିତ ମିଶ୍ର, ଡା. ସୁନୀଲ କୁମାର ବୋଷ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୋଗ୍ୟ ହିତାଧିକାରୀ ଚୟନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

**କଣ୍ଟାପଡ଼ା,୨୯।୧୦(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ବଡପାଟସୁନ୍ଦରପୁର ପଞ୍ଚାୟତରେ ଫନୀରେ କ୍ଷତି ହୋଇଥିବା ଯୋଗ୍ୟ ବାସହରା ହିତାଧିକାରୀ ଚୟନ ପାଇଁ ହାଇକୋର୍ଟ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଫନୀରେ କଣ୍ଟାପଡା ବ୍ଲକର ୧୪ଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହି ବ୍ଲକ ଅନ୍ତର୍ଗତ ବଡପାଟସୁନ୍ଦରପୁର ପଞ୍ଚାୟତରେ ବହୁ ପରିବାର ବାସହରା ହୋଇଥିଲେ ମଧ୍ୟ ସେମାନଙ୍କୁ ଜିଓଟ୍ୟାଗ କରାଯାଇ ନ ଥିଲା। ପଞ୍ଚାୟତ କାର୍ଯ୍ୟାଳୟରେ ଗତ କିଛିଦିନ ତଳେ ଜିଓଟ୍ୟାଗ ହୋଇଥିବା ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇବାସହ ଚଳିତମାସ ୨୪ ତାରିଖ ସୁଦ୍ଧା ତାଲିକାରେ ସ୍ଥାନ ପାଇଥିବା ଅଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ସୂଚନା ଦିଆଯାଇଥିଲା। ଆବାସ ଯୋଜନା ପାଇବାକୁ ହକ୍‌ଦାର ଥିବା ପ୍ରାୟ ୪୬ଜଣ ହିତାଧିକାରୀ ଏ ସମ୍ପର୍କରେ ହାଇକୋର୍ଟରେ ଏକ ରିଟପିଟିସନ ଦାଏର କରି ସେମାନଙ୍କର ତଦନ୍ତ କରାଯାଇ ଜିଓଟ୍ୟାଗ କରିବାକୁ ଆବେଦନ କରିଥିଲେ। ହାଇକୋର୍ଟ ଏ ସମ୍ପର୍କରେ ବିଚାରକରି ଆସନ୍ତା ୨ମାସ ଭିତରେ ପଦକ୍ଷେପ ନେବାକୁ ଅକ୍ଟୋବର ୨୩ ରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ମଦ ଜବତ, ୬ ଗିରଫ

**କଟକ ଅଫିସ, ୨୯।୧୦:** ପୋଲିସ ସ୍ପେଶାଲ ଟିମ ଓ ସ୍ଥାନୀୟ ପୋଲିସ ମିଳିତ ଭାବେ ସୋମବାର ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରି ୪୫୩ ବୋତଲ ମଦ ଜବତ କରିଛି। ବେଆଇନ ମଦ କାରବାର ଅଭିଯୋଗରେ ୬ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୨୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଛି। ମଙ୍ଗଳବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଚାଉଳିଆଗଞ୍ଜ ଥାନା ଅପର୍ଣ୍ଣାନଗରର ବିଜୟ ସ୍ୱାଇଁ, ବିଡ଼ାନାସୀ ଥାନା ଅଞ୍ଚଳରୁ ଚୌଦ୍ୱାରର ସିଲୁ ରାଉତ, ମର୍କତନଗର ଥାନା ସତୀଚଉରାର ଟୁଟନ ଲିମା ଓ ଚାଉଳିଆଗଞ୍ଜ ତାଳସାହିର ଦେବପ୍ରସାଦ ମହାନ୍ତି, ସିଡିଏ ଫେଜ-୨ ଥାନା ଅଞ୍ଚଳରୁ ବଡମ୍ବାର ବିଜୁ ଦେହୁରୀ, ମଙ୍ଗଳାବାଗ ଥାନା ଅଞ୍ଚଳରୁ ରାଜା ରାଓଙ୍କୁ ଗିରଫ କରାଯାଇଛି।

### ଗ୍ରାମୀଣ କୌଶଳ ଯୋଜନା ଶିବିର




**କଟକ ସଦର,୨୯।୧୦(ଡି.ଏନ୍.ଏ.):** କଟକ ସଦର ବ୍ଲକସ୍ତରୀୟ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୦ଟି ଘରୋଇ ଓ ରାଷ୍ଟ୍ରାୟତ୍ତ ସଂସ୍ଥାର କମ୍ପାନୀ ଯୋଗଦେଇଥିଲେ। ବିଭିନ୍ନ ଟ୍ରେଡର ୪୫୭ ବେକାର ଯୁବତୀଯୁବକ ତାଲିମ ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ୩୪୫ଜଣ ମନୋନୀତ ହୋଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଦେବାଶିଷ ପଟ୍ଟନାୟକ, ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡା, ବିପିଏମ ସୋନାଲି ପ୍ରିୟଦର୍ଶିନୀ, ଅତିରିକ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ପରିଡା ଯୋଗଦେଇଥିଲେ। ସମର ବେହେରା ଧନ୍ୟବାଦ ଦେଇଥିଲେ।

### ଦୁର୍ନୀତି ନିବାରଣ ସଚେତନତା ଶିବିର

**ଫୁଲନଖରା,୨୯।୧୦(ଡି.ଏନ୍.ଏ.):** ଫୁଲନଖରାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ମଙ୍ଗଳବାର ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆ, ଫୁଲନଖରା ଶାଖା ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମ୍ପାଦକ ଠାକୁର ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ୟୁବିଆଇର ଶାଖା ପରିଚାଳକ କଲ୍ୟାଣ ମୁଖାର୍ଜୀ, ସାମାଜିକର୍ମୀ ସ୍ୱାଧୀନଚେତା ମହାନ୍ତି, ସ୍କୁଲ ଅଧ୍ୟକ୍ଷ ଲକ୍ଷ୍ମୀଧର ଦଳାଇ, ବ୍ୟାଙ୍କ କୋଷାଧ୍ୟକ୍ଷ ସନ୍ତୋଷ ପରିଡା ଅତିଥିଭାବେ ଯୋଗଦେଇ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

# ଗୋଦାବରୀଶଙ୍କ ଆଦର୍ଶ ଅନୁକରଣୀୟ



ସାହିତ୍ୟିକ ପ୍ରଫେସର ରାଜ କିଶୋର ମିଶ୍ରଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

## ରାଜକିଶୋର ମିଶ୍ରଙ୍କୁ ଗୋଦାବରୀଶ ମିଶ୍ର ସମ୍ମାନ

କଟକ ଅଫିସ, ୨୯।୧୦

ପଣ୍ଡିତ ଗୋଦାବରୀଶ ମିଶ୍ର ସତ୍ୟବାଦୀ ଯୁଗ ସାହିତ୍ୟର ଜଣେ ଶ୍ରେଷ୍ଠ ବିଧାଣି। ତାଙ୍କ ସୃଷ୍ଟି ସମ୍ଭାର କାଳଜୟୀ। ସେ ଜଣେ ତ୍ୟାଗୀ, ସାଧୁ, ନୀତିନିଷ୍ଠ ଓ କର୍ମନିଷ୍ଠ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ଆଦର୍ଶ ସାମ୍ପ୍ରତିକ ସମାଜର ଅନୁକରଣୀୟ ହେବା ଉଚିତ ବୋଲି କହିଛନ୍ତି ପଦ୍ମଭୂଷଣ ଡ. ରମାକାନ୍ତ ରଥ। ମଙ୍ଗଳବାର ଶାରଳା ଭବନରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଥିତଯଶା ସାରସ୍ୱତ ସ୍ରଷ୍ଟା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସ୍ମୃତିରେ ଆୟୋଜିତ ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ଡ. ରଥ ଯୋଗଦେଇଥିଲେ। ଏହି ଉତ୍ସବକୁ ଓଡ଼ିଶା ଲୋକାୟୁକ୍ତର ନ୍ୟାୟିକ ସଦସ୍ୟ ଜଷ୍ଟିସ ବିଜୟ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ସଂସଦ ପ୍ରତିଷ୍ଠାତା ତଥା ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି ସମ୍ମାନିତ ଅତିଥି ଏବଂ ସାହିତ୍ୟିକ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସାହିତ୍ୟିକ ପ୍ରଫେସର ରାଜକିଶୋର ମିଶ୍ରଙ୍କୁ ଚଳିତ ବର୍ଷର ଗୋଦାବରୀଶ ମିଶ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ୨୫ହଜାର ଟଙ୍କା, ତାମ୍ରପତ୍ର ଓ ଉପଢୌକନ ଦିଆଯାଇଥିଲା। ପ୍ରାରମ୍ଭରେ ସଂସଦର ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଓ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ବୈଜୟନ୍ତୀ ମିଶ୍ର, ଡ. ମନୋରମା ମହାପାତ୍ର, ଡ. ମହେଶ୍ୱର ମହାନ୍ତି, ନିତ୍ୟାନନ୍ଦ ନାୟକ, ଡ. ମାଳବିକା ରାୟ, ଡ. ନଟବର ଶତପଥୀ, ପ୍ରସନ୍ନ କୁମାର ଜେନା, ଡ. ସୌଦାମିନୀ ନନ୍ଦ, ସଂସଦର ଯୁଗ୍ମ ସମ୍ପାଦକ ଡ. ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବନଶ୍ରୀ ମହାପାତ୍ର, ରାବେୟା ସରୱାର, ହେମନ୍ତ ମହାରଣା, ଯୁଧିଷ୍ଠିର ଦାସ, ମାନସ କୁମାର ସାହୁ, ବ୍ରଜକିଶୋର ବେଉରା ପ୍ରମୁଖ ପରିଚାଳନା କରିଥିଲେ।

## ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ଆଲୋଚନାଚକ୍ର

କଟକ ଅଫିସ,୨୯।୧୦

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଅର୍ଥଶାସ୍ତ୍ରରେ ନୋବେଲ ପୁରସ୍କାରକୁ ନେଇ ରହିଥିବା ରହସ୍ୟ ବାଖ୍ୟାନ' ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଆମେରିକାସ୍ଥ ଇଣ୍ଡିଆନା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ସତ୍ୟ ପି. ଦାସ ଯୋଗଦେଇ ବର୍ତ୍ତମାନର ନୋବେଲ ପୁରସ୍କାର ବିଜେତା ଅଭିଜିତ ବାନାର୍ଜୀ, ଏଷ୍ଟୋର ଡଫ୍ଲୋ ଏବଂ ମାଇକେଲ କ୍ରେମର ପ୍ରମୁଖଙ୍କ ଦ୍ୱାରା ପ୍ରଦତ୍ତ ତତ୍ତ୍ୱ ବିଶ୍ୱ ଦାରିଦ୍ର୍ୟ ହ୍ରାସ କରିବାରେ ସଫଳ ହେବ ବୋଲି କହିଥିଲେ। ଭାରତରେ ଅର୍ଥଶାସ୍ତ୍ରକୁ ନେଇ ହେଉଥିବା ବିଭିନ୍ନ ଗବେଷଣାର ପ୍ରୟୋଗାତ୍ମକ ସଫଳତା ଓ ବିଫଳତାର କାର୍ଯ୍ୟପନ୍ଥୀ ଏବଂ ଏଥିରେ ରହିଥିବା ସାରାଂଶ ଉପରେ ସେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଡ. ଧର୍ମପଦ ମହାପାତ୍ର, ଡ. ଆଶିଷ କୁମାର ସେନାପତି, ଡ. ପ୍ରିୟଦର୍ଶିନୀ ତ୍ରିପାଠୀ, ଡ. ରବିନାରାୟଣ ପାତ୍ର, ଡ. ପ୍ରୀତିରେଖା ଦାସ, ନେତାଜୀ ଅଭିନନ୍ଦନଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀ ଆଶାଦିବ୍ୟା ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ର ଶୁଭମ୍ ସୌମିନ ସେନାପତି ଧନ୍ୟବାଦ ଦେଇଥିଲେ।

# ସଚେତନତା ଦ୍ୱାରା କ୍ଷୟକ୍ଷତି ରୋକି ହେବ

କଟକ ଅଫିସ, ୨୯।୧୦

୧୯୯୯ ଅକ୍ଟୋବର ୨୯ ମହାବାତ୍ୟା କଥା ମନେପଡ଼ିଲେ ଲୋମ ଟାଙ୍କୁରି ଉଠେ। ସେହି ଦୁଃଖଦ ଘଟଣା ଆଜି ବି ଲୋକଙ୍କ ମନରୁ ଯାଇନାହିଁ। ଇତିମଧ୍ୟରେ ମହାବାତ୍ୟାକୁ ୨୦ବର୍ଷ ବିତିଛି। ଏବେ ବିଜ୍ଞାନର ଉନ୍ନତି ଯୋଗୁ ପାଣିପାଗ ସମ୍ପର୍କରେ ଆଗୁଆ ସୂଚନା ପ୍ରଦାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଘଟିଛି। ବନ୍ୟା, ବାତ୍ୟା, ଭୂମିକମ୍ପ, ସୁନାମି ଆଦି ପ୍ରାକୃତିକ ବିପର୍ଯ୍ୟୟ ନେଇ ପ୍ରାକ୍ ପ୍ରସ୍ତୁତି ଓ ସଚେତନତା ସୃଷ୍ଟି ଦ୍ୱାରା ଧନଜୀବନ କ୍ଷୟକ୍ଷତିକୁ ରୋକା ଯାଇପାରିବ। ମଙ୍ଗଳବାର ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ତଥା କଟକ ଜିଲା ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଏହା କହିଛନ୍ତି। ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ରେଡ୍‌କ୍ରସ୍ ଭବନ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ ଯୋଗଦେଇ ବୈଷୟିକ ଜ୍ଞାନକୌଶଳର ସଠିକ୍ ଉପଯୋଗ କରି ଗୃହ ନିର୍ମାଣ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଚଳିତବର୍ଷ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନର ପ୍ରସଙ୍ଗ ଥିଲା, ବିପର୍ଯ୍ୟୟ ପ୍ରତିରୋଧ ନିମନ୍ତେ ଗୋଷ୍ଠୀ ସଶକ୍ତୀକରଣ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ ଅଧୀକ୍ଷକ ଅଲେଖ ଚନ୍ଦ୍ର ପତି ଯୋଗଦେଇ କହିଛନ୍ତି, ଗଛ ବିଜୁଳି ସୁପରିବାହୀ ହୋଇ ଥିବାରୁ ବିଜୁଳି ମାରିବାବେଳେ ଗଛମୂଳେ ଠିଆ ନ ହେବା, ଘରୁ ନ ବାହାରିବା ଏବଂ ଗାଡ଼ିରୁ ବାହାରକୁ ନ ବାହାରିବା ଉଚିତ। ଏହି ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡିଆଇପିଆରଓ ଅଶୋକ ଷଡ଼ଙ୍ଗୀ, ଜିଲାପାଳଙ୍କ କାର୍ଯ୍ୟାଳୟ ଷ୍ଟାଫ୍ କମିଟି ସଭାପତି ବିଶ୍ୱମୋହନ ମହାପାତ୍ର, ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଉତ୍କଳ ସାମନ୍ତ ସମାଜ ପକ୍ଷରୁ ଚିତ୍ରଗୁପ୍ତଙ୍କ ପୂଜାର୍ଚ୍ଚନା

କଟକ ଅଫିସ, ୨୯।୧୦

ଉତ୍କଳ ସାମନ୍ତ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ଚିତ୍ରଗୁପ୍ତଙ୍କ ପୂଜାର୍ଚ୍ଚନା କରାଯାଇଛି। ଅକ୍ଷୟ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମନ୍ତକରଣ ସମାଜକୁ ଅଧିକ କ୍ରିୟାଶୀଳ କରିବା ସହ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନଦୀୟା ବିହାରୀ ମହାନ୍ତି, ବରଦା ପ୍ରସନ୍ନ ପଟ୍ଟନାୟକ, ଅମ୍ବିକା ପ୍ରସାଦ ଦାସ, ପାର୍ଥସାରଥୀ ମହାନ୍ତି, ପ୍ରିୟରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଚିତ୍ରଗୁପ୍ତଙ୍କ ପୂଜାର୍ଚ୍ଚନା ବେଳେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

## ମହାବିଦ୍ୟାଳୟରେ ଅଭିଭାବକଙ୍କ ବୈଠକ

କଟକ ସଦର,୨୯।୧୦(ଡି.ଏନ୍.ଏ.)

କଟକ ସଦର ବ୍ଲକ ୪୨ମୌଜାସ୍ଥିତ ସୁଦର୍ଶନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ମଙ୍ଗଳବାର ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୭୫% ଉପସ୍ଥାନ, ଶୈକ୍ଷିକ ବାତାବରଣ ସୃଷ୍ଟି, ଡ୍ରେସ କୋର୍ଡ ଲାଗୁ ଉପରେ ଅଭିଭାବକ ଓ ଅଧ୍ୟାପିକା, ଅଧ୍ୟାପକମାନେ ପ୍ରସ୍ତାବ ଦେଇଥିଲେ। ପରିଚାଳନା କମିଟି ସଭ୍ୟ ଚନ୍ଦ୍ରମଣି ଦେବତା, ଅଜୟ ଦଳାଇ, ସୁଧୀର ମିଶ୍ର, ପ୍ରମୋଦ ମହାପାତ୍ର, ଅଧ୍ୟାପକ ସୁଶାନ୍ତ କର, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ଗଣେଶ୍ୱର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ସିବି ପରିସରରେ ସାଲାଇନ ବୋତଲ

କଟକ ଅଫିସ, ୨୯।୧୦

ଏସ୍‌ସିବି ମେଡିକାଲର ପୁରୁଣା ମେଡିସିନ ୱାର୍ଡ ଲିଫ୍ଟ ନିକଟରେ ଅନେକ ସାଲାଇନ ବୋତଲ ପଡ଼ିଥିବା ଦେଖିବାକୁ ମିଳିଛି। ସାଲାଇନଗୁଡ଼ିକର ଅବଧି ଶେଷ ହୋଇ ନ ଥିବା ପରିଲକ୍ଷିତ ହୋଇଛି। ରୋଗୀ ସାଲାଇନ ପାଉ ନ ଥିବାବେଳେ ସରକାର ଯୋଗାଉଥିବା ଏହି ସାଲାଇନଗୁଡ଼ିକୁ ଏଭଳି ଭାବେ ଫିଙ୍ଗାଯିବା ଘଟଣାକୁ ସାମାଜିକ କର୍ମୀମାନେ ନିନ୍ଦା କରିଛନ୍ତି। ତେବେ ଏହି ସାଲାଇନ ସେଠାରେ କିଭଳି ପଡ଼ିଲା ତାହାର ତଦନ୍ତ କରାଯିବ ବୋଲି ମେଡିକାଲ ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା କହିଛନ୍ତି।

### ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନ କଲେ ବିଧାୟକ

## ଭିତ୍ତିଭୂମି ସୁଧାରିବା ଉପରେ ଗୁରୁତ୍ୱ

କଟକ ଅଫିସ, ୨୯।୧୦

ବକ୍ସିବଜାରସ୍ଥିତ ପ୍ରାଣୀ ଚିକିତ୍ସାଳୟକୁ ମଙ୍ଗଳବାର ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମ ପରିଦର୍ଶନରେ ଯାଇଥିଲେ। ଚିକିତ୍ସାଳୟ ପରିସର ବୁଲି ଦେଖିବା ସହ ଡାକ୍ତରମାନଙ୍କ ସହିତ ବିଭିନ୍ନ ସମସ୍ୟା ଦୂର ନେଇ ଆଲୋଚନା କରିଥିଲେ। ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା କ୍ଷେତ୍ରରେ ଅଧିକ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଚିକିତ୍ସାଳୟର ଭିତ୍ତିଭୂମି ସୁଧାରିବା ଓ ଖାଲିପଡ଼ିଥିବା ପଦବୀ ଶୀଘ୍ର ପୂରଣ ନେଇ ସେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଫନୀ ବାତ୍ୟାରେ ଉପୁଡ଼ି ପଡ଼ିଥିବା ବୃକ୍ଷ ସବୁ ଡାକ୍ତରଖାନା ପରିସରରେ ପଡ଼ିରହି ଅପରିଷ୍କାର ପରିବେଶ ସୃଷ୍ଟି କରୁଛି। ଏହାକୁ ତୁରନ୍ତ ହଟାଇବା ପାଇଁ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ସେ ପରାମର୍ଶ ଦେଇଥିଲେ।

### ଥୋରିଆ ସାହି ପୌର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

# ୧୦ମାସ ହେଲା ବିଦ୍ୟୁତ୍ ନାହିଁ, ବିଦ୍ୟାର୍ଥୀ ହନ୍ତସନ୍ତ

## ୧୪ ଲକ୍ଷ ୧୫ ହଜାର ଟଙ୍କାର ବିଲ୍ ବାକି




କଟକ ଅଫିସ, ୨୯।୧୦

ବିଦ୍ୟୁତ ବିଲ୍ ୧୪ଲକ୍ଷ ୧୫ହଜାର ୧୫୯ ଟଙ୍କା ବାକି। ଫଳରେ ୧୦ ମାସ ହେଲା ବିଦ୍ୟୁତ ସେବା ବନ୍ଦ। ଗରମରେ ହନ୍ତସନ୍ତ ହେଉଛନ୍ତି ୨୩୮ ବିଦ୍ୟାର୍ଥୀ। ଏହା କୌଣସି ଉପାନ୍ତ ଅଞ୍ଚଳ ନୁହେଁ ବରଂ କଟକ ସହରର ଥୋରିଆ ସାହିସ୍ଥିତ ପୌର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପ୍ରାୟ ୨କିମି ଦୂରରେ ଏହି ଶିକ୍ଷାନୁଷ୍ଠାନ ଥିଲେ ବି ପ୍ରଶାସନର ଦୃଷ୍ଟି ପଡୁନି। ବିଦ୍ୟୁତ ସଂଯୋଗ ଯୋଗାଇ ଦେବା ନେଇ କଟକ ମହାନଗର ନିଗମ (ସିଏମ୍‌ସି) ଓ ସେସୁ କର୍ତ୍ତୃପକ୍ଷ ଏବେ ଟଣାଓଟରା ହେଉଛନ୍ତି। ଏତେ ଟଙ୍କା ପୈଠ କରିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଖରେ ସମ୍ଭବ ହେଉ ନ ଥିବାବେଳେ ବିଲ୍ ବକେୟା ଥିବାରୁ ସଂଯୋଗ ଦେଇ ହେବନାହିଁ ବୋଲି ସେସୁର ଜଣେ ବରିଷ୍ଠ କର୍ମଚାରୀ କହିଛନ୍ତି। ଅନ୍ୟପକ୍ଷରେ, କିଛି ଦିନ ହେବ ଏ ଖବର ଆମ ପାଖରେ ପହଞ୍ଚିଛି, ଏହାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରକାଶ କରିଛନ୍ତି।

୧୯୫୭ ମସିହାରେ ମଙ୍ଗଳାବାଗ ଥୋରିଆ ସାହିରେ ଏକ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ସ୍ଥାନୀୟ ଅଞ୍ଚଳର ହାତଗଣତି ଛାତ୍ରୀଙ୍କୁ ନେଇ ପାଠପଢ଼ା ଚାଲିଥିଲା। ପରବର୍ତ୍ତୀ ସମୟରେ ବିଦ୍ୟାଳୟର ଦାୟିତ୍ୱ ସମ୍ଭାଳିଲା କଟକ ପୌର ପାଳିକା। ତେଣୁ ବିଦ୍ୟାଳୟର ନାମ ରହିଲା ଥୋରିଆ ସାହି ପୌର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ। ଏବେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୩୮ଜଣ ଛାତ୍ରୀ ପଢୁଛନ୍ତି। ଗତ ଜାନୁୟାରୀ ୧୫ ତାରିଖରେ ବିଦ୍ୟାଳୟରୁ ଅଚାନକ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦିଆଗଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ପଚାରିବାରୁ ବକେୟା ବିଲ ଯୋଗୁ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଥିବା ସେସୁ ପକ୍ଷରୁ କୁହାଯାଇଥିଲା। ତେବେ ଗତ ସାଧାରଣ ନିର୍ବାଚନ ସମୟରେ ମାତ୍ର ୪ଦିନ ପାଇଁ ବିଦ୍ୟୁତ ସଂଯୋଗ କରାଯାଇଥିଲା। ଏଠାରେ ମତଦାନ କେନ୍ଦ୍ର ହୋଇଥିବାରୁ ସେସୁ କର୍ତ୍ତୃପକ୍ଷ ବାଧ୍ୟହୋଇ ବିଦ୍ୟୁତ ସଂଯୋଗ ଦେଇଥିଲେ। ପରେ ଯଥା ପୂର୍ବଂ ତଥା ପରଂ ସ୍ଥିତି। ୨୦୦୪ ଫେବୃୟାରୀ ୨୮ରୁ ବିଦ୍ୟାଳୟଟି ସରକାରୀ ମାନ୍ୟତା ପାଇସାରିଛି। ଏହାସତ୍ତ୍ୱେ ଏତେ ଅର୍ଥ କିଭଳି ବକେୟା ପଡ଼ିଛି ତାହା ସାଧାରଣରେ ପ୍ରଶ୍ନ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଦାସ କହିଛନ୍ତି, ପ୍ରତିମାସରେ ଯେଉଁ ବିଲ୍ ଆସୁଛି ତାହାକୁ ଆମେ ପୈଠ କରୁଛୁ। ବିଦ୍ୟୁତ ବିଲ୍ ସିଏମ୍‌ସି ନାଁରେ ଅଛି। ବିଦ୍ୟାଳୟଟି ସରକାରୀ ମାନ୍ୟତା ପାଇବା ପରେ ବିଦ୍ୟୁତ ବିଲ୍ ସରକାରଙ୍କ ତରଫରୁ ଆସିବା କଥା। ହେଲେ କେହି ଆମ କଥା ଶୁଣୁନାହାନ୍ତି। ବିଦ୍ୟୁତ ନ ଥିବାରୁ ପାନୀୟଜଳ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ଏ ନେଇ ଜିଲାପାଳଙ୍କୁ ଚିଠି ଲେଖିଛୁ। ମାତ୍ର କୌଣସି ପଦକ୍ଷେପ ନିଆଯାଇନାହିଁ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଓ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ ।
-ମହର୍ଷି ପରାଶର



## ଫନୀ ପରେ ଦାଉ ସାଧିଲା ଲଘୁଚାପ ବର୍ଷା

# ବାସ ପାଇଁ ବିପନ୍ନଙ୍କ ଦୁର୍ଦ୍ଦଶାର ଅନ୍ତ ଘଟୁନି

**ବେଗୁନିଆ, ୨୯। ୧୦ (ଡି.ଏନ.ଏ.)**

ବାତ୍ୟା ଫନୀ ମେ ୩ରେ ଘଟାଇଥିଲା ତାଣ୍ଡବ। ଏଥିରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ବଡବଡ ଗଛ, ବିଦ୍ୟୁତ୍ ଖୁଣ୍ଟ ସହ କେତେକ ସ୍ଥାନରେ ରାସ୍ତା ଘାଟ ନଷ୍ଟ ହୋଇ ଗମନାଗମନରେ ଗୁରୁତର ବାଧା ଉପୁଜି ଥିଲା। ତେବେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ କଚ୍ଛା ଘରେ ବାସ କରୁଥିବା ଗରିବ ଲୋକମାନେ। ପୁଣି ୫ ମାସ ପରେ ସେମାନଙ୍କୁ ସମଦଶା ଭୋଗିବାକୁ ପଡିଛି। ୨୩ ତାରିଖରୁ ୩ ଦିନ ଧରି ଲଘୁଚାପ ବର୍ଷା ପୁଣି ବ୍ଲକ ଅଞ୍ଚଳର ବହୁ ଗରିବ ଲୋକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ତେବେ ଫନୀ ବେଳର କେତେଜଣ କ୍ଷତିଗ୍ରସ୍ତ ବିପନ୍ନଙ୍କୁ ଏଯାଏ ବାସ ଖଣ୍ଡିଏ ମିଳିନାହିଁ। ପୁଣି ଲଘୁଚାପ ବର୍ଷା ସେମାନଙ୍କ ଦଦରା କୁଡିଆକୁ ମାଟିରେ ମିଶାଇ ଦେଇଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ବ୍ୟାଙ୍କ ପାଶ୍ ବହି ଭୁଲ, କମ୍ପ୍ୟୁଟର ଅଚଳ ଆଦି ଆଳ ଦେଖାଇ ବିପନ୍ନମାନଙ୍କୁ ହନ୍ତସନ୍ତ



ବିଧାୟକ ରାଜେନ୍ଦ୍ର ସାହୁ ଭାଙ୍ଗିଯାଇଥିବା ଘର ବୁଲି ଦେଖୁଛନ୍ତି।

- ବର୍ଷାରେ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗିଛି
- ସରକାରଙ୍କ ୫-ଟି ମନ୍ତ୍ରକୁ ପ୍ରଶାସନିକ ପ୍ରହାର

କରାଯାଉଛି। ଏଣେ ରାଜ୍ୟ ସରକାରଙ୍କ ୫-ଟି ମନ୍ତ୍ର ବେଗୁନିଆ ତହସିଲ ପ୍ରଶାସନ ପକ୍ଷରୁ ଶକ୍ତ ପ୍ରହାର ଦିଆଯାଇଛି ବୋଲି ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ ରଥ, ଦେଉଳି ଆଦିବାସୀ ସାହିର ଝରି ପ୍ରଧାନ, ବୋତଲମା ପଞ୍ଚାୟତର ମମତା ବିଶ୍ୱାଳ, ସଦାନନ୍ଦ ମାର୍ଥା ଅଭିଯୋଗ କରିଛନ୍ତି। ଏଣେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖୁଥିବା ବେଳେ ବିପନ୍ନମାନେ କୋଳଭରା କଣ୍ଠରେ ବେଗୁନିଆ ପ୍ରଶାସନ ବିରୋଧରେ ଦାବି କରୁଥିଲେ। ଏଥିସହ ବାସ ଖଣ୍ଡିଏ ପାଇଁ ଅପେକ୍ଷାର ଅନ୍ତଃ କେବେ ଘଟିବ ସେ ନେଇ ବିପନ୍ନମାନେ ବିଧାୟକ ସାହୁଙ୍କୁ ଘେରି ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ବିଧାୟକ ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

ଫନୀ ପ୍ରଭାବରେ ବ୍ଲକ ଅଞ୍ଚଳର ୫୬୪୨ ବାସଗୃହ ଭାଙ୍ଗିରୁଜି ଯାଇଥିବାର ପ୍ରାଥମିକ ଆକଳନରୁ ଜଣାପଡିଥିଲା। ସେଥିମଧ୍ୟରୁ ୨୪ ବାସଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଅବଶିଷ୍ଟ ୫୬୧୮ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଆଂଶିକ ମଧ୍ୟରେ ଏବେ ଯାଏ ବ୍ୟାଙ୍କ ପାଶ ବହି ଭୁଲ ଦର୍ଶାଇ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଏବଂ ଅନୁପସ୍ଥିତ ଦର୍ଶାଇ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ବିପନ୍ନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇନାହିଁ। ପୁଣି ଏବେ ଲଘୁଚାପଜନିତ ବର୍ଷାରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବାସଗୃହ ଭାଙ୍ଗିରୁଜି ଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ କେବେ ଅନୁଧ୍ୟାନ କରାଯାଇ ତାଲିକାଭୁକ୍ତ କରାଯିବ ସେ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡା କୁହନ୍ତି, ପର୍ଯ୍ୟାୟକ୍ରମେ ବିପନ୍ନମାନଙ୍କର ସହାୟତା ରାଶି ବ୍ୟାଙ୍କ ପାଶ୍ ବହିକୁ ପଠାଯାଉଛି। ଯେତେ ଶୀଘ୍ର ଶେଷ କରିବାକୁ ଉଦ୍ୟମ ଜାରି ରହିଛି। ଏ ସଂକ୍ରାନ୍ତରେ ବିଧାୟକ ରାଜେନ୍ଦ୍ର ସାହୁ କୁହନ୍ତି, କିଛିଦିନ ହେଲା ମୁଁ ଅନେକ ଗ୍ରାମକୁ ବୁଲି ଜାଣିବାକୁ ପାଇଲି ବହୁ ଗରିବ ବିପନ୍ନମାନେ ପ୍ରକୃତରେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ସରକାରୀ ସହାୟତା ନିଶ୍ଚୟ ମିଳିବ। ବ୍ଲକ ଏବଂ ତହସିଲ ପ୍ରଶାସନ ବିରୋଧରେ ଲୋକେ ଦାବି କରିଛନ୍ତି। ସତ କ'ଣ ଅନୁଧ୍ୟାନ କରି ସରକାରଙ୍କୁ ଅବଗତ କରାଇବି।

## ସଡ଼କ ଦୁର୍ଘଟଣାରେ ଜୀବନବୀମା କର୍ମଚାରୀ ମୃତ

**ବାଲୁଗାଁ,୨୯।୧୦(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥର ବ୍ରାହ୍ମଣ କୁଶଡ଼ିହ ଛକ ଠାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ପେଣ୍ଠ ବାଲିକୁଦା ଗ୍ରାମର ରମେଶ ଚନ୍ଦ୍ର ବଳ(୪୮)। ସେ ଜଣେ ଜୀବନବୀମା କର୍ମଚାରୀ। ପ୍ରକାଶ ଯେ, ବ୍ରହ୍ମପୁରସ୍ଥିତ ଜୀବନବୀମା ଶାଖାରେ କାର୍ଯ୍ୟ କରୁଥିବା ରମେଶ ମଙ୍ଗଳବାର ନିଜ ବାଇକ୍ ଯୋଗେ କେନ୍ଦ୍ରାପଡ଼ାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ବ୍ରାହ୍ମଣ କୁଶଡ଼ିହ ଛକ ଠାରେ ପୂର୍ବାହ୍ନ ୧୧ଟାରେ ଏକ ଅଜଣା ଗାଡ଼ି ତାଙ୍କୁ ପଛପାର୍ଶ୍ୱରୁ ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ରମେଶଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାଲୁଗାଁ ସରକାରୀ ହସ୍ପିଟାଲ୍‌କୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତାଙ୍କ ସ୍ତ୍ରୀ ବାଲୁଗାଁରେ ପହଞ୍ଚି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ନଂ. ୧୩୨/୧୯ରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରଖିଛି।



ବାଲୁଗାଁର ଏକ ମଣ୍ଡପରେ ପୂଜା ପାଉଥିବା ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।

## ଜୁଆ ଆଡ୍ଡା ଉପରେ ଚଢ଼ାଉ, ୫ ଗିରଫ



**ବେଗୁନିଆ, ୨୯। ୧୦ (ଡି.ଏନ.ଏ.):** ବେଗୁନିଆ ଥାନା ପୋଲିସ ସୋମବାର ସନ୍ଧ୍ୟାରେ ଜୁଆ ଆଡ୍ଡା ଉପରେ ଚଢାଉ କରିଥିଲା। ଘଟଣାସ୍ଥଳରୁ ଜୁଆ ଖେଳୁଥିବା ୫ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨୧୫୦ ଟଙ୍କା ଜବତ କରିଛି। ଥାନାରେ ନଂ. ୧୭୯/୧୯ରେ ମାମଲା ରୁଜୁ ହୋଇଛି। ସେମାନେ ହେଲେ ଏହି ଥାନା ଅଧୀନ ମାଣିବନ୍ଧ ପଞ୍ଚାୟତ ଅନ୍ତର୍ଗତ ବାଙ୍କପଲ୍ଲୀ ଗାଁର ବାଟି ନାୟକ, ସୂର୍ଯ୍ୟକାନ୍ତ ନାୟକ, ପ୍ରତାପ ଛୁଆଲସିଂହ, ବାଙ୍କନିଧି ନାୟକ ଏବଂ ବୁଦ୍ଧିଆ ନାୟକ। କିଛିଦିନ ହେଲା ଏହି ଥାନା ଅଞ୍ଚଳରେ କେତେକ ନିଛାଟିଆ ସ୍ଥାନରେ ଜୁଆ ଖେଳ ଚାଲୁଛି ବୋଲି ପୋଲିସ ପାଖରେ ଅଭିଯୋଗ ହେଉଥିଲା। ଏହି ଖେଳକୁ ରୋକିବା ପାଇଁ ଆଇଆଇସି ରଶ୍ମି ରଞ୍ଜନ ସାହୁଙ୍କ ସହ ଏସ୍‌ଆଇ ବିଜୟ୍ କୁମାର ମଲିକ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଖବରପାଇ ଟିମ୍ ବଡନୂଆପଲ୍ଲୀ କାଜୁ ବଗିଚାରେ ଚାଲୁଥିବା ଜୁଆ ଆଡ୍ଡା ଉପରେ ଚଢାଉ କରି ୫ ଜଣଙ୍କୁ ଗିରଫ କରିଥିଲା।

## ଦେଉଳିରେ ଗିରି ଗୋବର୍ଦ୍ଧନ ପୂଜା ମହୋତ୍ସବ

**ବୋଲଗଡ଼,୨୯।୧୦(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳି ଗ୍ରାମରେ ମଙ୍ଗଳବାର ରାତିରୁ ଗିରିଗୋବର୍ଦ୍ଧନ ପୂଜା ମହୋତ୍ସବ ଆରମ୍ଭ ହୋଇଛି। ଏହା ୪ଦିନ ଧରି ଚାଲିବ। ଗ୍ରାମର ବଡସାହିସ୍ଥିତ ଭାଗବତ ଦେବ, ମଠସାହିର ଶ୍ରୀ ଚୈତନ୍ୟ ଦେବ, ଦାସ ସାହିର ଦଧିବାମନ ଦେବ ଓ ଗିରିଗୋବର୍ଦ୍ଧନ ପଡିଆସ୍ଥିତ ରାଧାମାଧବ ଦେବଙ୍କ ବିଗ୍ରହ ଚଉଦୋଳ ବିମାନରେ ଗ୍ରାମ ପରିକ୍ରମା କରି ଉତ୍ସବ ପଡିଆକୁ ବିଜେ କରିଛନ୍ତି। ଠାକୁରମାନେ ୪ଦିନ ଧରି ଚଉଦୋଳରେ ପୂଜା ପାଇବାର ପରମ୍ପରା ରହିଛି। ଚଉଦୋଳରେ ଠାକୁରଙ୍କୁ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଗ୍ରାମ କମିଟି ସଦସ୍ୟ ଓ ଗ୍ରାମର ଯୁବକମାନେ ସହଯୋଗ କରୁଛନ୍ତି।

**ସ୍ଥିତାବସ୍ଥା ଜାରି ଥିବା ଚର୍ଚ୍ଚ ପରିସରରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଅଭିଯୋଗ**

# ଅନୁଧ୍ୟାନ ପରେ ପ୍ରଶାସନ ସିଲ୍ କଲା

**ଜଟଣୀ,୨୯।୧୦(ଡି.ଏନ.ଏ.)**

ଜଟଣୀସ୍ଥିତ ସେଣ୍ଟଜନ୍ ଚର୍ଚ୍ଚ ପରିସର ପଡିଆରେ ଥିବା ବିବାଦୀୟ ଜମି ଉପରେ ନିର୍ମାଣାଧୀନ ମାର୍କେଟ୍ କମ୍ପ୍ଲେକ୍ସକୁ ମଙ୍ଗଳବାର ସ୍ଥାନୀୟ ପ୍ରଶାସନ ସିଲ୍‌କରିଛି। ନାଳିକନା ମାରି ସିଲ୍ କରିବା ସହ କମ୍ପ୍ଲେକ୍ସ ମଧ୍ୟକୁ ପ୍ରବେଶ ନିଷେଧ କରିଛି। ସ୍ଥାନୀୟ ମୁଖ୍ୟ ରାସ୍ତାପାର୍ଶ୍ୱ ସୀତାରାମ ଛକରେ ପୁରାତନ ଚର୍ଚ୍ଚ ରହିଛି। ଏହା ପରିସରରେ ୬ ଏକର ୬୨୫ ଡିସିମିଲ୍ ଜମି ଅଛି। ରେକର୍ଡରେ ରେଳପଥ ନାମରେ ଥିବା ଦାବି କରି ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ନ୍ୟାୟାଳୟରେ ମାମଲା କରାଯାଇଛି। ସୁପ୍ରିମକୋର୍ଟରେ ଏହା ବିଚାରାଧୀନ ରହିଛି। ଆବେଦନକାରୀ ଦକ୍ଷିଣ-ପୂର୍ବ ରେଳପଥ ବନାମ ସେଣ୍ଟଜନ୍ ଇନ୍ ଦ ୱାଇଲଡରନେସ୍ ଜଟଣୀ, ପ୍ରତିନିଧି ଟ୍ରଷ୍ଟିସ୍ କଲିକତା ଡାଇଓସେସାନ୍ ଟ୍ରଷ୍ଟ ମଧ୍ୟରେ ମାମଲା ଚାଲିଛି। ସର୍ବୋଚ୍ଚ ନ୍ୟାୟାଳୟ ୨୦୧୮ରୁ ସ୍ଥିତାବସ୍ଥା ବଜାୟ ରଖିଥିବା ସତ୍ତ୍ୱେ ଜଟଣୀସ୍ଥିତ ଏହି ଚର୍ଚ୍ଚ ପରିସର ପଡିଆରେ ବେଆଇନ ନିର୍ମାଣ କାର୍ଯ୍ୟ ଚାଲିଥିବା ନେଇ ଆବେଦନକାରୀ ରେଳପଥ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଜମି ଉପରେ ସ୍ଥିତାବସ୍ଥା ଥିବା ବେଳେ ଚର୍ଚ୍ଚର ପ୍ରଶାସନିକ ମୁଖ୍ୟ ତଥା ଡାଇଓସିସ୍ ଅଫ୍ କଟକର ବିଶପ୍ ସୁରେନ୍ଦ୍ର କୁମାର ନନ୍ଦଙ୍କ ଦ୍ୱାରା ନିଯୁକ୍ତ ତଥା କ୍ଷମତାପ୍ରାପ୍ତ ୨ ଜଣ ସ୍ଥାନୀୟ ପ୍ରତିନିଧି ବେଆଇନ ଭାବେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରୁଛନ୍ତି। ଏ ନେଇ ରେଳପଥ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରାଯାଇଥିଲା। ସର୍ବୋଚ୍ଚ ନ୍ୟାୟାଳୟ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଟଣୀ ତହସିଲଦାର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ପୋଲିସ ମିଳିତ ଭାବେ ଏହି ବିବାଦୀୟ ଜମିକୁ ଯାଇ ସୋମବାର ଅନୁଧ୍ୟାନ କରିଥିଲେ। ଏହାଛଡ଼ା ମାର୍କେଟ କମ୍ପ୍ଲେକ୍ସ ହେବା ପାଇଁ ବିଭିନ୍ନ ସରକାରୀ ସଂସ୍ଥାରୁ ଏନ୍‌ଓସି ନିଆଯାଇଛି କି ନାହିଁ ତା'ର ମଧ୍ୟ ତଦନ୍ତ କରି ଜିଲାପାଳଙ୍କୁ ମିଳିତ ରିପୋର୍ଟ ପ୍ରଦାନ କରାଯାଇଛି। ମଙ୍ଗଳବାର ଜଟଣୀ ତହସିଲଦାର ପ୍ରିୟାଂଶୁ ଚାନ୍ଦ, ଅତିରିକ୍ତ ତହସିଲଦାର ଦିଲୀପ ଷଡଙ୍ଗୀ, ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ଓ ରାଜସ୍ୱ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିର୍ମାଣ ହୋଇଥିବା ମାର୍କେଟ୍ କମ୍ପ୍ଲେକ୍ସରେ ନାଳିଫିତା ମାରି ସିଲ୍ କରିଥିଲେ। ଏ ନେଇ ତହସିଲଦାର ଚାନ୍ଦ କୁହନ୍ତି, ସ୍ଥିତାବସ୍ଥା ବଜାୟ ଥିବାରୁ ଏଠାରେ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ଏହାଛଡ଼ା କମ୍ପ୍ଲେକ୍ସ ମଧ୍ୟକୁ କେହି ପ୍ରବେଶ କରିପାରିବେ ନାହିଁ ବୋଲି ନୋଟିସ ମରାଯାଇଥିବା ସୂଚନା ଦେଇଥିଲେ।



ପ୍ରଶାସନିକ ଅଧିକାରୀମାନେ ମାର୍କେଟ କମ୍ପ୍ଲେକ୍ସ ସିଲ୍ କରୁଛନ୍ତି।

## ପରିଶୋଧ କରିପାରିଲେନି ଋଣ

# ଆତ୍ମହତ୍ୟା କଲେ ଶ୍ରମିକ

**ଖୋର୍ଦ୍ଧା ଅଫିସ, ୨୯।୧୦**

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ଆଣିଥିବା ଋଣ ପରିଶୋଧ କରି ନ ପାରି ଜଣେ ଶ୍ରମିକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ତ୍ରିନାଥ କାଣ୍ଡି(୪୫)। ଘର ଖୋର୍ଦ୍ଧା ସଦର ଥାନା କାଇମାଟିଆ ଗାଁରେ। ଅଭିଯୋଗ ପରେ ସଦର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, କାଇମାଟିଆ ଗାଁର ତ୍ରିନାଥ ଖୋର୍ଦ୍ଧାର କ୍ରଶରରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। କ୍ରଶର ବନ୍ଦ ହୋଇଯିବା ପରେ ରୋଜଗାର ହରାଇଥିଲେ। ଗାଁରେ ୩ଟି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ୧ ଲକ୍ଷ ୨ ହଜାର ଟଙ୍କା ଋଣ ଆଣିଥିଲେ। ତେବେ ଋଣ ପରିଶୋଧ କରି ନ ପାରିବାରୁ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଟଙ୍କା ନେବାକୁ ଚାପ ପ୍ରୟୋଗ କରିଥିଲେ। କିଛିଦିନ ହେଲା ତ୍ରିନାଥ ଚାପରେ ଥିଲେ। ତେବେ ମଙ୍ଗଳବାର ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବାର ରହିଛି। ଏ ନେଇ ତ୍ରିନାଥଙ୍କ ସ୍ତ୍ରୀ ଯଶୋଦା କୁହନ୍ତି, ଋଣ ପରିଶୋଧ କରି ନ ପାରିବାରୁ ମୋ ସ୍ୱାମୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି। କାଇମାଟିଆ ଗାଁର ତ୍ରିନାଥ ଆତ୍ମହତ୍ୟା କରିବା ପରେ ମା' ପୁଅ ବେସାହାରା ହୋଇପଡିଛନ୍ତି। ଘରର ରୋଜଗାରକ୍ଷମ ବ୍ୟକ୍ତି ପ୍ରାଣ ହରାଇବା ପରେ ପୁଅ ପାଠପଢ଼ାରେ ଡୋରି ବନ୍ଧା ହୋଇଯିବ ବୋଲି ମା' ଯଶୋଦା କହିଛନ୍ତି। ପୁଅ ଷଷ୍ଠ ଶ୍ରେଣୀରେ ପାଠ ପଢୁଛନ୍ତି। ଅନ୍ୟପକ୍ଷେ ଯଶୋଦାଙ୍କ ଉପରେ ଋଣବୋଝ। ଏହାକୁ କିପରି ପରିଶୋଧ କରିବେ ସେନେଇ ମଧ୍ୟ ଚିନ୍ତା ଘାରିଛି।

## ବାଣପୁରରେ ପାଇକ ଆଖଡ଼ା ଶୋଭାଯାତ୍ରା

**ଖୋର୍ଦ୍ଧା ଅଫିସ, ୨୯।୧୦:** ପାଇକ ବିଦ୍ରୋହର ଅନ୍ତୁଡିଶାଳ ବାଣପୁରରେ ମଙ୍ଗଳବାର ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ନିଖିଳ ଓଡ଼ିଶା ପାଇକ ମହାସଂଘର ବାଣପୁର ଚିଲିକା ଶାଖା ପକ୍ଷରୁ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ପାଇକ କୁଳ ତିଳକ ସମ୍ମାନରେ ସମ୍ମାନିତ କରାଯାଇଛି। ନିଖିଳ ଓଡ଼ିଶା ପାଇକ ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ବାଣପୁରର ବିଭିନ୍ନ ଅଞ୍ଚଳରୁ ପାଇକ ଆଖଡା ଦଳ ମଙ୍ଗଳବାର ସକାଳେ ପାଇକ ଆଖଡା କରି ମା' ଭଗବତୀଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ପଲଟଣ ପଡିଆରେ ପହଞ୍ଚିଥିଲେ।



## ନନ୍ଦଲାରେ ଘରପୋଡ଼ି, ୨ ବଳଦ ଅର୍ଦ୍ଧଦଗ୍ଧ

**କୃଷ୍ଣପ୍ରସାଦ,୨୯।୧୦(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତର ନନ୍ଦଲା ଗାଁରେ ସୋମବାର ବିଳମ୍ବିତ ରାତିରେ ନିଆଁଲାଗି ୩ ବଖରା ଭସ୍ମୀଭୂତ ହୋଇଯାଇଛି। ଏଥିସହ ୨ଟି ବଳଦ ଅର୍ଦ୍ଧଦଗ୍ଧ ହୋଇଛନ୍ତି। ସୋମବାର ରାତିରେ ଗ୍ରାମର ଶରତ ଚନ୍ଦ୍ର ସ୍ୱାଇଁ ଗୁହାଳରେ ବଳଦ ବାନ୍ଧି ମଶା ଲାଗି ପାଳ ଧୂଆଁ ଦେଇଥିଲେ। ରାତି ପ୍ରାୟ ୨ଟାରେ ବଳଦ ପାଳକୁ ଭିଡିନେବାରୁ ଗୁହାଳରେ ନିଆଁ ଲାଗିଥିଲା। କିଛି ସମୟ ମଧ୍ୟରେ ନିଆଁ ଶୋଇବା ଘର ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ହଠାତ୍ ନିଦ ଭାଙ୍ଗିବାରୁ ପରିବାର ଲୋକେ ଜୀବନ ରକ୍ଷା କରି ବାହାରକୁ ଦୌଡିଥିଲେ। ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା।

# ପ୍ରେମିକା, ପରିବାର ଲୋକଙ୍କ ଛୁରାମାଡ଼ରେ ପ୍ରେମିକ ଗୁରୁତର

**ଖୋର୍ଦ୍ଧା ଅଫିସ/ଜଟଣୀ, ୨୯।୧୦(ଡି.ଏନ୍.ଏ.)**

ବିବାହ ସମ୍ପର୍କରେ ଆଲୋଚନା କରିବାକୁ ପ୍ରେମିକଙ୍କୁ ପ୍ରେମିକାଙ୍କ ଘରଲୋକ ତାଙ୍କ ଘରକୁ ଡକାଇଥିଲେ। କିଛି ସମୟ ପରେ ଗାଳିଗୁଲଜ ସହ ପ୍ରେମିକା ଓ ତାଙ୍କ ପରିବାର ଲୋକ ଛୁରିରେ ଆକ୍ରମଣ କରି ପ୍ରେମିକଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଏଭଳିସ୍ଥଳେ ପ୍ରେମରେ ଧୋକା ହେବାର ଜାଣିପାରି ପ୍ରେମିକ ଗୁରୁତର ଅବସ୍ଥାରେ ଉପସ୍ଥିତ ବୁଦ୍ଧି ଖଟାଇ ଖସିଯିବାରୁ ବଞ୍ଚି ଯାଇଛନ୍ତି। ପ୍ରେମିକଙ୍କ ବେକ, ହାତ ଓ ପାପୁଲିରେ କ୍ଷତ ହୋଇଛି। ଅନ୍ୟପକ୍ଷେ ପ୍ରେମିକ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବର ଜଣାପଡିବା ପରେ ପ୍ରେମିକଙ୍କ ବାପା ଜଟଣୀ ଥାନାକୁ ଯାଇ ଅଭିଯୋଗ କରିବା ପରେ ପୋଲିସ ନଂ. ୪୨୮/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଜଟଣୀ ଥାନାର ତରାବୋଇ ଅଞ୍ଚଳରେ ଘଟିଥିବା ଏଭଳି ଘଟଣା ଚର୍ଚ୍ଚାର କାରଣ ପାଲଟିଛି।

ଅଭିଯୋଗ ଅନୁସାରେ, ବେଣାପଞ୍ଜରୀ ଗାଁର ସକିଲ ଉଦ୍ଦିନ ଖାନ (୨୨) ନାମକ ଜଣେ ଯୁବକ ତରାବୋଇ ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଉଭୟଙ୍କ ଭଲ ପାଇବାକୁ ଦୁଇ ପରିବାରର ସ୍ୱୀକୃତି ମିଳିଥିଲା। ସକିଲଙ୍କୁ ସୋମବାର ପ୍ରେମିକାଙ୍କ ପରିବାର ପକ୍ଷରୁ ବିବାହ ସମ୍ପର୍କରେ ଆଲୋଚନା କରିବାକୁ ମଙ୍ଗଳବାର ଆସିବାକୁ କୁହାଯାଇଥିଲା। ସକିଲ ଅପରାହ୍ନରେ ତରାବୋଇ ଅଞ୍ଚଳରେ ପହଞ୍ଚିଥିଲେ। ଆଲୋଚନା ସମୟରେ ପ୍ରେମିକାଙ୍କ ଭିଣୋଇ ସକିଲଙ୍କୁ ଏଣେତେଣୁ କହି ଗାଳିଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ପ୍ରେମିକାଙ୍କ ୩ ଦାଦା ପୁଅ ଭାଇ ସକିଲ୍‌ଙ୍କୁ ଧରିଥିଲେ। ପରେ ମା'ବାପା ଓ ଅନ୍ୟମାନେ ଧରିଥିଲେ। ଭିଣୋଇ ଓ ପ୍ରେମିକା ମିଳିମିଶି ଛୁରିରେ ସକିଲଙ୍କୁ ଆକ୍ରମଣ କରିଥିଲେ। ସକିଲ ଉପସ୍ଥିତ ବୁଦ୍ଧି ଖଟାଇ ଖସି ଆସିଥିଲେ। ସକିଲ ଗହିର ଭିତର ଦେଇ ଦୌଡି ଆସି ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ଏ ନେଇ ଜଟଣୀ ଆଇଆଇସି ବିଶ୍ୱ ରଞ୍ଜନ ସାହୁଙ୍କୁ ପଚାରିବାରେ ସକିଲଙ୍କ ବାପା ଅନୁସୁଦ୍ଦିନ ଖାନ୍‌ଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ପ୍ରେମିକାଙ୍କ ପରିବାର ଲୋକେ ମିଳିତ ଭାବେ ଛୁରିରେ ଆକ୍ରମଣ କରିଥିବା ଅଭିଯୋଗ ରହିଛି। ଅନ୍ୟପକ୍ଷେ ପ୍ରେମିକାଙ୍କ ପରିବାର ପକ୍ଷରୁ ଯଦିଓ ଲିଖିତ ଅଭିଯୋଗ ହୋଇନାହିଁ, ତେବେ ସକିଲ୍ ଏକତରଫା ପ୍ରେମ କରୁଥିଲେ ବୋଲି ମୌଖିକ ଅଭିଯୋଗ କରାଯାଇଥିବା ପ୍ରକାଶ କରିଛନ୍ତି।



ଗୁରୁତର ସକିଲ ଉଦ୍ଦିନ ଖାନ।

**ପ୍ରେମରେ ଧୋକା**

## ବାଣପୁର ବ୍ଲକରେ ୨ୟ ମହଲାରେ ହେଉଛି ଜନଶୁଣାଣି

# ଭିନ୍ନକ୍ଷମ, ବୃଦ୍ଧ ଯିବାରେ ବାଧକ ସାଜୁଛି

**ଖୋର୍ଦ୍ଧା ଅଫିସ, ୨୯।୧୦**

ବାଣପୁର ବ୍ଲକ ସଭାଗୃହରେ ଜିଲାପାଳଙ୍କ ଜନଶୁଣାଣି ଶିବିର ପ୍ରହସନ ପାଲଟିଛି। ୨ୟ ମହଲାରେ ଅଭିଯୋଗ ଶୁଣାଣି ହେଉଥିବାରୁ ଭିନ୍ନକ୍ଷମ, ବୃଦ୍ଧ ୨ୟ ମହଲାକୁ ଯାଇ ଅଭିଯୋଗ କରିବାରେ ସକ୍ଷମ ହେଉନାହାନ୍ତି। ଯଦି ୨ୟ ମହଲାରେ ଅଭିଯୋଗ ଶୁଣାଣି ଶିବିର କରାଯାଉଛି, ତେବେ ଆନୁଷଙ୍ଗିକ ବ୍ୟବସ୍ଥା ଠିକ୍ ରହିଛି କି ନାହିଁ ତା'ର ଯାଞ୍ଚ କରିବା ନିହାତି ଆବଶ୍ୟକ। ର୍‍ୟାମ୍ପ ବ୍ୟବସ୍ଥା ନ ଥିବାରୁ ଭିନ୍ନକ୍ଷମମାନେ ଛାତ ଉପରକୁ ଯାଇପାରୁ ନ ଥିବା ବ୍ଲକ କର୍ତ୍ତୃପକ୍ଷ ଜାଣିଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା କରୁନାହାନ୍ତି। ତେବେ ୨ୟ ମହଲାରେ ଅଭିଯୋଗ ଶୁଣାଣି କରାଗଲେ ବୃଦ୍ଧ ଓ ଭିନ୍ନକ୍ଷମଙ୍କ ପାଇଁ ସମସ୍ୟା ହେଉଥିବା ଜିଲାପାଳ ଅନୁଭବ କରିଛନ୍ତି। ଦେଖାଯାଉ ଆଗକୁ ଯେବେ ଅଭିଯୋଗ ଶୁଣାଣି ଶିବର କରାଯିବ ସେତେବେଳେ ଜିଲା ପ୍ରଶାସନ କ'ଣ ପଦକ୍ଷେପ ନେଉଛି। ଅନ୍ୟପକ୍ଷେ ନରେନ୍ଦ୍ରପୁର ପଞ୍ଚାୟତର ଈଶ୍ୱରୀ ଦାସ ନାମକ ଜଣେ ମହିଳା ରାଶନ କାର୍ଡ ପାଇବା ପାଇଁ ୫ ଥର ଜନଶୁଣାଣିକୁ ଆସି ସାରିଲେଣି। ହେଲେ ତାଙ୍କ ଗରିବକୁ କେହି ଅନୁଭବ କରି ପାରୁନାହାନ୍ତି। ସବୁଥର ପ୍ରତିଶ୍ରୁତି ମିଳୁଛି। ହେଲେ ପରେ ତାହା ପ୍ରତାରଣାରେ ପରିଣତ ହେଉଛି। ନରଣଡିହ ଗାଁର କୈଳାସ ବାରିକ ଆବାସ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପାଇଛନ୍ତି। ହେଲେ ଘର କରି ପାରୁନାହାନ୍ତି। ଘର ନ କରିବାର କାରଣ କହି ଜିଲା ପ୍ରଶାସନର ସହଯୋଗ ଉଦ୍ଦେଶ୍ୟରେ କୈଳାସ ବାରମ୍ବାର ଅଭିଯୋଗ କରୁଛନ୍ତି। ହେଲେ ତାଙ୍କ ସମସ୍ୟା ସମାଧାନ କରିବାରେ ପ୍ରଶାସନ ପକ୍ଷରୁ ସହଯୋଗ ମିଳୁ ନ ଥିବାରୁ ସେ କାନ୍ଦି ପକାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

**କାନ୍ଦୁଥିଲେ ଭିନ୍ନକ୍ଷମ**

ସୋମବାର ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ବାଣପୁର ବ୍ଲକରେ ଅନୁଷ୍ଠିତ ହୋଇଥିଲା। ଡୁମୁରାପୁଟ ପଞ୍ଚାୟତ ରତନପୁର ଗ୍ରାମର ଜଣେ ଭିନ୍ନକ୍ଷମ ମହିଳା ରୁକ୍ମଣୀ ବେହେରା ୨ୟ ମହଲାକୁ ଯାଇ ନ ପାରି ଗୁମୁରି ଗୁମୁରି କାନ୍ଦୁଥିଲେ। ରୁକ୍ମଣୀଙ୍କ କାନ୍ଦ କେତେକ ଗଣମାଧ୍ୟମର ପ୍ରତିନିଧିଙ୍କର କାନରେ ପଡିଥିଲା। ଗଣମାଧ୍ୟମର ପ୍ରତିନିଧି ୨ୟ ମହଲାରେ ଅଭିଯୋଗ ଶୁଣାଣି କରାଯିବା ଓ ଭିନ୍ନକ୍ଷମ ରୁକ୍ମଣୀ ଛାତ ଉପରକୁ ନ ଆସି ପାରି କାନ୍ଦୁଥିବା ପ୍ରସଙ୍ଗ ଜିଲାପାଳଙ୍କ ଦୃଷ୍ଟିକୁ ଆଣିଥିଲେ। ପରେ ଜିଲାପାଳ ତଳକୁ ଆସି ଏକ ଟ୍ରାଇ ସାଇକେଲ ରୁକ୍ମଣୀଙ୍କୁ ଦେଇଥିଲେ। ରୁକ୍ମଣୀଙ୍କ ଅଭିଯୋଗ ଅନୁସାରେ, ବାଣପୁରରେ ଅଭିଯୋଗ ଶୁଣାଣି ବେଳେ ପ୍ରତିଥର ଆସେ ଅଭିଯୋଗ କରିବାକୁ। ହେଲେ ଛାତ ଉପରକୁ ନ ଯାଇ ପାରି କାନ୍ଦି କାନ୍ଦି ଘରକୁ ଫେରେ। ହେଲେ ଗଣମାଧ୍ୟମର ପ୍ରତିନିଧିଙ୍କ ଯୋଗୁ ତାଙ୍କ ଡାକ ଜିଲା ପ୍ରଶାସନ ଶୁଣିପାରିଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି।



ଭିନ୍ନକ୍ଷମ ମହିଳାଙ୍କୁ ଜିଲାପାଳ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଓ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ହସ୍ପିଟାଲରେ ୨ ହବିଷିଆଳି

**ପୁରୀ ଅଫିସ, ୨୯।୧୦:** ସରକାରଙ୍କ ହବିଷିଆଳି ଯୋଜନାରେ ଆସି ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷିଆଳଙ୍କ ମଧ୍ୟରୁ ୨ ଜଣ ମଙ୍ଗଳବାର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳୀରେ ରହୁଥିବା ବ୍ରହ୍ମଗିରି ଜଗନ୍ନାଥପୁରର ଜନା ଜେନା (୬୪) ଏବଂ ପୁରୀ ଅଞ୍ଜିରା ଉହ୍ଲାଣର ଛଟ ବେୱା (୬୨) ଅସୁସ୍ଥତା ଯୋଗୁ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେଣୁ ଉଭୟ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେହିପରି ଏହି ଆଶ୍ରୟସ୍ଥଳୀରେ ରହୁଥିବା ପୁରୀ ଦଣ୍ଡତୋଟାର ଭାନୁମତି ମହାପାତ୍ର (୮୪) ବ୍ୟକ୍ତିଗତ କାରଣକୁ ନେଇ ଘରକୁ ଫେରିଯାଇଛନ୍ତି।

### ରେଳଷ୍ଟେଶନରେ ଲାଗିଲା ଭେହିକିଲ୍ ସ୍କାନର

**ପୁରୀ ଅଫିସ,୨୯।୧୦:** ପୁରୀ ଷ୍ଟେଶନର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରିବା ଲକ୍ଷ୍ୟରେ ଭେହିକିଲ୍ ସ୍କାନର ବ୍ୟବସ୍ଥା କରାଯାଇଛି। ଷ୍ଟେଶନ ପ୍ରବେଶ ପଥରେ ଏହି ସ୍କାନର ଲଗାଯାଇ ମଙ୍ଗଳବାର ଟେଷ୍ଟିଂ କରାଯାଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ କରିବ ବୋଲି ଷ୍ଟେଶନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ଅବକାରୀ ଚଢ଼ାଉ, ୭ଗିରଫ

**ପୁରୀ ଅଫିସ, ୨୯।୧୦:** ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଅବକାରୀ ବିଭାଗ ପକ୍ଷରୁ ଧରପଗଡ଼ ଜାରିରହିଛି। ମଙ୍ଗଳବାର ବେଆଇନ ଦେଶୀମଦ ବିକ୍ରି ଅଭିଯୋଗରେ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ବିପୁଳ ପରିମାଣ ଦେଶୀ ମଦ ଜବତ କରିଛି। ଗିରଫମାନେ ବାଲି ନୋଲିଆ ସାହିର ଜି.ସୁନ୍ଦରମ୍ମା (୬୫), ଏ.ଜଗମ୍ମା (୫୨), ଏ.ରାବଣାମ୍ମା(୫୦), ନରେନ୍ଦ୍ରକୋଣର ପାର୍ବତୀ ନାୟକ(୪୦) ଓ ତ୍ରିଲୋଚନ ଭୋଇ(୪୦)। ସେହିପରି ପିପିଲି ଅବକାରୀ ପକ୍ଷରୁ ବେଆଇନ ଭାଙ୍ଗ ଏବଂ ଦେଶୀମଦ ବିକ୍ରି ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଟିଆପଡାର ଲକ୍ଷ୍ମୀଧର ବେହେରା(୭୦) ଓ ବିଜୟ ବେହେରା(୨୦)।

### ଲଗାଣବର୍ଷାରେ ୫ହଜାର ହେକ୍ଟର ଧାନଫସଲ ନଷ୍ଟ

**କଣାସ,୨୯।୧୦(ସ୍ୱ.ପ୍ର.):** ଗତ କିଛିଦିନ ତଳେ ହୋଇଥିବା ଲଗାଣ ବର୍ଷା ଯୋଗୁ ପୁରୀ ଜିଲାର କଣାସ ବ୍ଲକରେ ୫ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ହୋଇଥିବା ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଦୟା ଓ ଲୁଣା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ତ୍ରିଲୋଚନପୁର, କଣାସ, ସିରେଇ, ବିଜିପୁର, ଅଣ୍ଡାରସିଂହ, ଗଡସାହି, ବିନ୍ଧଣ, ଖଣ୍ଡହତା, ଆଳିବାଡ, ଯାମଳଗୋଦା, ଗଡିଶାଗୋଦା ଗ୍ରାମପଞ୍ଚାୟତର ଧାନ ଜମିରେ ବର୍ଷାଜଳ ବର୍ତ୍ତମାନ ସୁଦ୍ଧା ଜମିରହି ଲହଡ଼ି ଭାଙ୍ଗୁଛି।

## ସେବାୟତଙ୍କ ଅସହଯୋଗ
# ଅସମ୍ପୂର୍ଣ୍ଣ ରହିଲା ଦେବନୀତି

**ସାକ୍ଷୀଗୋପାଳ, ୨୯।୧୦(ଡି.ଏନ.ଏ.)**

ପୁରୀ ଜିଲାର ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନବମୀ ଯେତିକି ନିକଟତର ହେଉଛି, ପ୍ରଶାସନିକ ସ୍ତରରେ ସେତିକି ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ସତ୍ୟବାଦୀ ବିଧାୟକ ତଥା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ୨ୟ ସମନ୍ୱୟ ବୈଠକ ହୋଇଯାଇଛି। କିନ୍ତୁ ବୈଠକରେ ସେବାୟତମାନେ ବିଭିନ୍ନ ଦାବି ରଖିବା ସହ ସହଯୋଗ ନ କରିବାରୁ ଦେବନୀତି ବିଷୟରେ ଆଲୋଚନା ହୋଇପାରି ନଥିଲା।

ସୂଚନାଯୋଗ୍ୟ, ବର୍ଷକୁ ଗୋଟିଏ ଦିନ ଶ୍ରୀରାଧାପାଦ ଦର୍ଶନ ପାଇଁ ଏଠାରେ ପ୍ରାୟ ୩ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

### ଅଁଳାନବମୀ ଲାଗି ୨ୟ ସମନ୍ୱୟ ବୈଠକ

ପ୍ରତିବର୍ଷ ଭଳି ପୂଜା ପୂର୍ବଦିନ ମଧ୍ୟ ରାତ୍ରରୁ ମନ୍ଦିର ଦ୍ୱାର ଫିଟାଯାଇ ରାତି ପର୍ଯ୍ୟନ୍ତ ଖୋଲାଯାଇଥାଏ। ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ବ୍ୟବସ୍ଥା, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ ଆଦି ପ୍ରଶାସନ ସୁରୁଖୁରରେ ତୁଲାଇଥାନ୍ତି। ପଞ୍ଚସଖା ପଡିଆରେ ୪ଦିନ ଧରି ଶ୍ରୀରାଧା ଉତ୍ସବ ଆୟୋଜନ ନିମନ୍ତେ ବିଭିନ୍ନ ବିଭାଗର ପ୍ରଶାସନିକ ତତ୍ପରତା ନେଇ ଉପଜିଲାପାଳ ଭବତାରଣ ସାହୁ ବୈଠକରେ ସମୀକ୍ଷା କରିଥିଲେ। ତେବେ ବୈଠକ ପୂର୍ବରୁ ସେବାୟତ ସଂଘ କର୍ମକର୍ତ୍ତା ଅସନ୍ତୋଷ ବ୍ୟକ୍ତକରି ବୈଠକ ବର୍ଜନ କରିଥିଲେ। ପରେ ସେମାନେ ନିଜର ବିଭିନ୍ନ ଦାବି ଉପସ୍ଥାପିତ କରିଥିଲେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ନ ଥିଲା। ଫଳରେ ଦେବନୀତି ନେଇ କୌଣସି ଆଲୋଚନା ହୋଇପାରି ନାହିଁ। ସହକାରୀ ଦେବୋତ୍ତର କମିଶନର ଆଶିଷ ପଟ୍ଟନାୟକ ସେବାୟତ ପ୍ରତିନିଧିମାନଙ୍କୁ ଅସ୍ଥାୟୀ ଟ୍ରଷ୍ଟବୋର୍ଡରେ ସାମିଲ କରାଯାଇ ନ ଥିବା ସମ୍ପର୍କରେ କହିଥିଲେ। ତଥାପି ଅନ୍ୟ କେତେକ ଦାବି ସମ୍ପର୍କରେ ଅସନ୍ତୋଷ ସେବାୟତ ସଂଘ କର୍ମକର୍ତ୍ତା ଶ୍ୟାମସୁନ୍ଦର ମହାପାତ୍ର ଓ ସଞ୍ଜୟ ନନ୍ଦ ବୈଠକରୁ ଉଠି ଚାଲିଯାଇଥିଲେ। ଅତିରିକ୍ତ ଏସପି ପ୍ରତାପ ସ୍ୱାଇଁ, ଏସଡିପିଓ ଦେବଦତ୍ତ ବରାଳ, ତହସିଲଦାର କସ୍ତୁରୀ ପ୍ରଧାନ, ବିଡିଓ ସରୋଜ କୁମାର ଦତ୍ତ, ଅଇଆଇସି ଶକୁନ୍ତଳା ପତି ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର ସେବାୟତ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସିଦ୍ଧାନ୍ତ ଗ୍ରହଣ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କମଳ କୁମାର ଆଚାର୍ଯ୍ୟ, ଜଳସମ୍ପଦ ଉପ ନିର୍ବାହୀଯନ୍ତ୍ରୀ ରଘୁନାଥ ସ୍ୱାଇଁ, ଗ୍ରାମ ଉନ୍ନୟନ ସହକାରୀ ଯନ୍ତ୍ରୀ ଓକିଲ ମହାପାତ୍ର, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ନାୟକଙ୍କ ସମେତ ବିଭିନ୍ନ ସଂସ୍ଥାର ପ୍ରତିନିଧି ଯୋଗଦେଇଥିଲେ। ଅଗାମୀ ୧ ତାରିଖରେ ବ୍ଲକସ୍ତରୀୟ ପ୍ରସ୍ତୁତି ଅନୁଷ୍ଠିତ ହେବ ବୋଲି ବିଡଓ ସୂଚନା ଦେଇଥିଲେ।



ମହୋଦଧି ମାର୍କେଟ କମ୍ପ୍ଲେକ୍ସକୁ ବୁଲ୍‌ଡୋଜର ସାହାଯ୍ୟରେ ଭଙ୍ଗାଯାଉଛି।

# ମାଟିରେ ମିଶିଲା ମହୋଦଧି ମାର୍କେଟ୍
## ଭାଙ୍ଗିଲା ସହଯୋଗ ବିପଣନ କେନ୍ଦ୍ର

**ପୁରୀ ଅଫିସ, ୨୯।୧୦**

କିଛିଦିନ ପରେ ପୁରୀରେ ପୁଣି ଅସୁରକ୍ଷିତ କୋଠା ଉଚ୍ଛେଦ କରାଯାଇଛି। ମଙ୍ଗଳବାର ମୋଚିସାହି ଛକସ୍ଥିତ ମହୋଦଧି ମାର୍କେଟ୍ କମ୍ପ୍ଲେକ୍ସକୁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶାଇ ଦିଆଯାଇଛି। ଏଠାରେ ନୂତନ ଭାବେ ବହୁତଳ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସକାଳେ ପ୍ରଶାସନ ପକ୍ଷରୁ ମାର୍କେଟ୍ କମ୍ପ୍ଲେକ୍ସ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଏବଂ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ୪ଟି ଜେସିବି ଦ୍ୱାରା ଦୋକାନ ଘରଗୁଡ଼ିକ ଭଙ୍ଗାଯାଇଥିଲା। ଅପରାହ୍ନ ସୁଦ୍ଧା ଏହି ମାର୍କେଟ୍ କମ୍ପ୍ଲେକ୍ସ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଥିଲା।

୧୯୬୯ ମସିହାରେ ପ୍ରାୟ ୧ ଏକର ଜାଗାରେ ଏହି ମାର୍କେଟ କମ୍ପ୍ଲେକ୍ସ ତିଆରି ହୋଇଥିଲା। ଏଥିରେ ୫୮ଟି ଦୋକାନ ଘର ସହିତ ସହଯୋଗ ବିପଣନ କେନ୍ଦ୍ର ରହିଥିଲା। ଯେତେବେଳେ ଆଜିକାଲିକା ପରି ମଲ୍‌ର ପରିକଳ୍ପନା ହୋଇ ନ ଥିଲା। ସେତେବେଳେ ଓଡ଼ିଶାରେ ପ୍ରଥମକରି ଓଡ଼ିଶା ସମବାୟ କଞ୍ଜ୍ୟୁମର ଫେଡେରେଶନ ପକ୍ଷରୁ ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ଭଞ୍ଜପ୍ରଭା ଓ ସହଯୋଗ ନାମରେ ବିପଣନ କେନ୍ଦ୍ର କରାଯାଇଥିଲା। ଗୋଟିଏ ଛାତତଳେ ସବୁକିଛି ସାମଗ୍ରୀ ଉପଲବ୍ଧ ହେଉଥିଲା। ମହୋଦଧି ମାର୍କେଟ କେନ୍ଦ୍ରସ୍ଥଳରେ ଏହିପରି ଏକ ସହଯୋଗ ରହିଥିଲା। ଇତିମଧ୍ୟରେ ୫୦ ବର୍ଷ ହୋଇଯାଇଥିବାରୁ ଅସୁରକ୍ଷିତ ହୋଇପଡିଥିଲା ଏହି ମାର୍କେଟ୍ କମ୍ପ୍ଲେକ୍ସ ଓ ସହଯୋଗ ବିପଣନ କେନ୍ଦ୍ର। ତେଣୁ ଏହାକୁ ଉଚ୍ଛେଦ କରିବା ଲାଗି ପୌରସଂସ୍ଥା ନିଷ୍ପତ୍ତି ନେଇଥିଲା। ଗତ ମାସରେ ପୌରସଂସ୍ଥା ପକ୍ଷରୁ ଅକ୍ଟୋବର ୪ ସୁଦ୍ଧା ଦୋକାନ ଘର ଖାଲି କରିବାକୁ ନୋଟିସ କରାଯାଇଥିଲା। ଏହି ନୋଟିସ ପାଇବା ପରେ ବ୍ୟବସାୟୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ମାସକ ପାଇଁ ସମୟ ମାଗିଥିଲେ। ପରବର୍ତ୍ତୀ ସମୟରେ ଅକ୍ଟୋବର ୧୪ ସୁଦ୍ଧା ଦୋକାନ ଘର ଖାଲି କରିବାକୁ କୁହାଯାଇଥିଲା। ବ୍ୟବସାୟୀମାନେ ଦୋକାନ ଘର ଖାଲି କରିବା ସହ ଝରକା, କବାଟ, ଶଟର, ଆଜବେଷ୍ଟସ ଆଦି ଖୋଲି ନେଇଥିଲେ। ମଙ୍ଗଳବାର ଏହି ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗି ଦିଆଯାଇଛି। ବିସ୍ଥାପିତ ହୋଇଥିବା ବ୍ୟବସାୟୀଙ୍କୁ ପ୍ରଥମେ ଦୋକାନ ଘର ଦିଆଯିବ। ଅଧିକ ଦୋକାନ ବାହାରିଲେ ଅନ୍ୟ ବ୍ୟବସାୟୀଙ୍କୁ ଦିଆଯିବ ବୋଲି ପ୍ରଶାସନିକ ନିଷ୍ପତ୍ତି ହୋଇଛି।

# ସଚେତନତା ହିଁ ଧନଜୀବନକୁ ସୁରକ୍ଷା ଦେବ

**ପୁରୀ ଅଫିସ, ୨୯।୧୦**

୧୯୯୯ ମହାବାତ୍ୟା ସମୟରେ ଲୋକେ ଏତେଟା ସଚେତନ ନ ଥିଲେ। ଫଳରେ ତାଣ୍ଡବ ରଚିଥିଲା ମହାବାତ୍ୟା। ପ୍ରାୟ ୧୦ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ହେଲେ ଏବେ ସମୟ ବଦଳିଯାଇଛି। ଆଗୁଆ ବାତ୍ୟା, ବନ୍ୟାର ସୂଚନା ମିଳିପାରୁଛି। କିନ୍ତୁ ଆମକୁ ଆହୁରି ସଚେତନ ହେବାକୁ ପଡିବ। ସଚେତନ ରହିଲେ ଧନଜୀବନ ହାନି ଆଶଙ୍କା ଯଥେଷ୍ଟ ପରିମାଣରେ ହ୍ରାସ ପାଇବ ବୋଲି କହିଛନ୍ତି ଅତିରିକ୍ତ ଜିଲାପାଳ (ଏଡିଏମ୍) ପ୍ରଦୀପ କୁମାର ସାହୁ। ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ମଙ୍ଗଳାବର ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସରେ ସେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନିକଟରେ ଫନୀ ମହାବାତ୍ୟା ପୁରୀ ଜିଲାରେ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ହେଲେ ସରକାରଙ୍କ ଆଗୁଆ ପଦକ୍ଷେପ ଏବଂ ଆପଦ ମିତ୍ରମାନଙ୍କ ନିଃସ୍ୱାର୍ଥପର ସେବା ଓ ସହଯୋଗ ଯୋଗୁ ଧନଜୀବନ ହାନି ଆଶଙ୍କା ଢେର କମିଥିଲା। ବିପର୍ଯ୍ୟୟ ସମୟରେ କିଭଳି ଜନସାଧାରଣଙ୍କ ପାଖରେ ପହଞ୍ଚିବା ଏବଂ ସେମାନଙ୍କୁ ତତ୍କାଳ ସାହାଯ୍ୟ କରିବା ତାହା ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ଅତିରିକ୍ତ ଜିଲାପାଳ।

ଜିଲା ଜରୁରିକାଳୀନ ଅଧିକାରୀ ସୁମନ୍ତ କରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସହକାରୀ ଅଗ୍ନିଶମ ଅଧିକାରୀ ମନୋଜ ମହାପାତ୍ର, ଜରୁରିକାଳୀନ ବିଭାଗ ଜିଲା ପ୍ରକଳ୍ପ ଅଧିକାରୀ ସୁକାନ୍ତ ଦାଶ, ବେସରକାରୀ ସଂସ୍ଥା ସୋଲାରର ସମ୍ପାଦକ ହରିଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତି ଥିଲେ। ଜରୁରିକାଳୀନ ବିଭାଗ ଜିଲା ପ୍ରକଳ୍ପ ଅଧିକାରୀ ଦାଶ, ବର୍ତ୍ତମାନ ସର୍ପାଘାତ, ପାଣିରେ ବୁଡ଼ି ଏବଂ ବିଜୁଳି ଘଡଘଡିରେ ବର୍ଷକୁ ପ୍ରାୟ ୨ ହଜାର ଲୋକଙ୍କର ମୃତ୍ୟୁ ଘଟୁଛି। ତେଣୁ ଆମକୁ ସଚେତନ ହେବାକୁ ପଡିବ ବୋଲି କହିଥିଲେ। ପୂର୍ବରୁ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଏତଦ୍‌ବ୍ୟତୀତ ଫନୀରେ ଭଲ କାମ କରିଥିବା ୨୦୦ ଆପଦ ମିତ୍ରଙ୍କୁ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟୁଷରେ ଦୁର୍ବିପାକ ପ୍ରସ୍ତୁତି ସଂକ୍ରାନ୍ତୀୟ ସଚେତନତା ସୃଷ୍ଟି ନିମନ୍ତେ ସିଂହଦ୍ୱାରଠାରୁ ଗାନ୍ଧୀଘାଟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବିଭିନ୍ନ ବେସରକାରୀ ସଂସ୍ଥାର କର୍ମକର୍ତ୍ତା ସାମିଲ ହୋଇଥିଲେ। ଗାନ୍ଧୀଘାଟଠାରେ ଛାତ୍ରୀଛାତ୍ରଙ୍କୁ ଦୁର୍ବିପାକ ସମୟରେ ଜୀବନ ରକ୍ଷା କୌଶଳ ସମ୍ପର୍କରେ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା।

### ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ



ବିପର୍ଯ୍ୟୟ ମୁକାବିଲା ନେଇ ପ୍ରଶିକ୍ଷଣ ଦିଆଯାଉଛି।

### ଭ୍ରାତୃ ଦ୍ୱିତୀୟାରେ ଯମେଶ୍ୱର ମନ୍ଦିରରେ ଭିଡ଼

**ପୁରୀ ଅଫିସ, ୨୯।୧୦:** ଭ୍ରାତୃ ଦ୍ୱିତୀୟାରେ ଭଉଣୀମାନେ ଭାଇଙ୍କ ଶୁଭ ମନାସିବା ସହ ମିଷ୍ଟାନ୍ନ ଖୁଆଇ ସନ୍ତୁଷ୍ଟ କରିବାର ପରମ୍ପରା ରହିଛି। ସ୍ୱୟଂ ଯମରାଜଙ୍କ ଭଉଣୀ ଯମୁନା ତାଙ୍କ ଭାଇ ଯମଙ୍କୁ ମିଷ୍ଟାନ୍ନ ଖୁଆଇଥିଲେ। ମଙ୍ଗଳବାର ଯମେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ଭଉଣୀମାନେ ପ୍ରଭୁ ଯମେଶ୍ୱରଙ୍କୁ ଆରାଧନା କରି ନିଜ ଭାଇଙ୍କ ଶୁଭ ମନାସୀ ଥିଲେ। କାର୍ତ୍ତିକ ଅମାବାସ୍ୟାର ଦ୍ୱିତୀୟ ଦିନରେ ପାଳିତ ହୋଇଥାଏ ଏହି ଭ୍ରାତୃ ଦ୍ୱିତୀୟା। ଯମେଶ୍ୱରଙ୍କ ପୀଠରେ ଏହା ପ୍ରମୁଖ ପର୍ବ। ଏଥିପାଇଁ ସମସ୍ତ ରୀତିନୀତି ସମ୍ପନ୍ନ ପରେ ଦର୍ଶନ ଆରମ୍ଭ ହୋଇଥିଲା। ଦିନତମାମ୍ ପୀଠରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥିଲା। ଏଥିସହ ଯମଙ୍କ ମୂର୍ତ୍ତି ନିକଟରେ ବେଣ୍ଟମୁଆଁ, କଦଳୀ, ଖଇକୋରା ଆଦି ପୂଜା କରିଥିଲେ। ସେହିପରି ହବିଷିଆଳିମାନେ ସ୍ୱର୍ଗପ୍ରାପ୍ତି ଆଶାରେ ପ୍ରଭୁ ଯମେଶ୍ୱରଙ୍କୁ ଦର୍ଶନ କରିବା ସହିତ ମନ୍ଦିର ପରିସର ଅଶ୍ୱସ୍ତ ବୃକ୍ଷ ମୂଳେ ନିଶୁଣି ଚିତ୍ର ଆଙ୍କିଥିଲେ।

### ମହେନ୍ଦ୍ର ବିଶୋଇ କୁମ୍ଭକାର ନିଯୋଗ ନୂତନ ସମ୍ପାଦକ

**ପୁରୀ ଅଫିସ,୨୯।୧୦:** କୁମ୍ଭକାର ନିଯୋଗର ସାଧାରଣ ସମ୍ପାଦକ ଭାବେ ମହେନ୍ଦ୍ର ବିଶୋଇ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ସୋମବାର ସନ୍ଧ୍ୟାରେ ଶରଧାବାଲିସ୍ଥିତ ନିଯୋଗ କାର୍ଯ୍ୟାଳୟରେ ସଭାପତି ଜନାର୍ଦ୍ଦନ ଦାସଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ନିଯୋଗ ପକ୍ଷରୁ ସ୍ୱର୍ଗତ ରସାନନ୍ଦ ବିଶୋଇଙ୍କ ପରିବାରବର୍ଗଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସୂଚନାଥାଉ କି, ଗତ ୨୫ ତାରିଖ ସକାଳେ ଶାଳଘର ମାଟିକାଛ ଭୁଶୁଡି ନିଯୋଗ ସମ୍ପାଦକ ରସାନନ୍ଦ ବିଶୋଇଙ୍କ ଅକାଳ ଦେହାନ୍ତ ପରେ ଏହି ପଦବୀ ଖାଲିପଡିଥିଲା।

## ଘରଭଙ୍ଗା ସହାୟତାରେ ପାତର ଅନ୍ତର ଅଭିଯୋଗ
# ଜିଲାପାଳଙ୍କ କାର୍ଯ୍ୟାଳୟରେ କ୍ଷତିଗ୍ରସ୍ତଙ୍କ ଧାରଣା

**ପୁରୀ ଅଫିସ, ୨୯।୧୦:** ବାତ୍ୟା ଫନୀକୁ ଇତିମଧ୍ୟରେ ସାଢେ ୫ ମାସ ପୂରିଯାଇଛି। ହେଲେ ଏବେ ବି ଅନେକଙ୍କୁ ଘରଭଙ୍ଗା ସହାୟତା ମିଳିପାରି ନାହିଁ। ପୁଣି କେତେକ କ୍ଷେତ୍ରରେ ଘରଭଙ୍ଗା ସହାୟତା ପ୍ରଦାନରେ ପାତର ଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମଙ୍ଗଳବାର ପେଣ୍ଠକଟା ଅଞ୍ଚଳ ସମେତ ବହୁ କ୍ଷତିଗ୍ରସ୍ତ ଭାଜପା ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଜିଲାପାଳ ସେମାନଙ୍କ ସହ ଆଲୋଚନା କରି ଆଶ୍ୱାସନା ଦେବା ପରେ ସେମାନେ ଧାରଣାରୁ ହଟିଥିଲେ। ଏଥିରେ ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି। ଆଲୋଚନାରେ ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଉମାକାନ୍ତ ନାୟକ, ନାରାୟଣ ପାତ୍ର, ବିଶ୍ୱଭୂଷଣ ବାରିକ, ବୋମଲା ଜଗନ୍ନାଥ, କେ. ଶ୍ରୀନୁ ପ୍ରମୁଖ ସାମିଲ ଥିଲେ।

# ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ପ୍ରଦାନ ଅଭିଯୋଗ

**କାକଟପୁର,୨୯।୧୦(ଡି.ଏନ.ଏ.)**

କାକଟପୁର ବ୍ଲକ ଲତାହରଣ ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଓ ଅନୁଦାନ ଅର୍ଥ ପ୍ରଦାନ କରାଯାଇଥିବା ପୁରୀ ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଓ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗର ସତ୍ୟତା ଜାଣିବାକୁ ମଙ୍ଗଳବାର ପୁରୀ ଭିଜିଲାନ୍ସ ବିଭାଗର ଏକ ଟିମ୍ ଡିଏସ୍‌ପି ହରିନାରାୟଣ ପତିଙ୍କ ନେତୃତ୍ୱରେ କାକଟପୁର ବ୍ଲକ କାର୍ଯ୍ୟାଳୟକୁ ଯାଇ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିଥିଲେ। ଏହାସହ ଲତାହରଣ ପଞ୍ଚାୟତକୁ ଯାଇ ହିତାଧିକାରୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଭିଜିଲାନ୍ସ ଦଳ ଏ ସମ୍ପର୍କରେ କାକଟପୁର ବିଡିଓ ସୁଧୀର କୁମାର ନାୟକଙ୍କ ସହ ଆଲୋଚନା କରିବା ପରେ ଲତାହରଣ ପଞ୍ଚାୟତର ହିତାଧିକାରୀ ତାଲିକା ଦେବାକୁ ଏକ ପତ୍ର ପ୍ରଦାନ କରିଥିଲେ। ଏ ନେଇ ଭିଜିଲାନ୍ସ ଡିଏସ୍‌ପି କୁହନ୍ତି, ଘଟଣାର ତଦନ୍ତ ଚାଲିଛି। ଅଭିଯୋଗର ସତ୍ୟତା ଜଣାପଡିବା ପରେ ସେ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏହାସହ ୧୮ଜଣ ଅଯୋଗ୍ୟ ହିତାଧିକାରୀଙ୍କଠାରୁ ରାଜନୈତିକ ଚାପ ଓ ମୋଟା ଅଙ୍କର ଅର୍ଥ ନେଇ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କାକଟପୁର ବିଡିଓଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ପ୍ରତିକ୍ରିୟା ମିଳିପାରି ନ ଥିଲା।

### ଉଚ୍ଛେଦକୁ ତୀବ୍ର ବିରୋଧ: ବଜାର ବନ୍ଦ

**ସାକ୍ଷୀଗୋପାଳ, ୨୯।୧୦ (ଡି.ଏନ.ଏ.):** ସାକ୍ଷୀଗୋପାଳ ବଜାରରୁ ଦଖଲ ଉଚ୍ଛେଦ ନିଷ୍ପତ୍ତିକୁ ବ୍ୟବସାୟୀମାନେ ତୀବ୍ର ବିରୋଧ କରିଛନ୍ତି। ସାକ୍ଷୀଗୋପାଳ ବଡବଜାର ବ୍ୟବସାୟୀ ସଂଘ ଅହ୍ୱାନରେ ରତ୍ନଚିରା ବ୍ରିଜ ଠାରୁ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ମଙ୍ଗଳବାର ରହିଥିଲା। ବ୍ୟବସାୟୀମାନେ ସ୍ଥିତିବାନ ଜମି କିଣି ସେଠାରେ ଖଜଣା ଦେଇ ବ୍ୟବସାୟ ଚଳାଇ ଆସୁଥିଲେ। ବ୍ୟବସାୟୀ ସଂଘ ସଭାପତି ବିରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ, ଉପସଭାପତି ଶଙ୍କର ପ୍ରଧାନ ଓ ସହ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର ଏହି ପ୍ରକ୍ରିୟାକୁ ବନ୍ଦ କରିବାକୁ ଦୃଢ଼ ଦାବି କରିଥିଲେ।

# ପରୀକ୍ଷା ପୂର୍ବରୁ ଭୂଗୋଳ ପ୍ରଶ୍ନପତ୍ର ଲିକ୍

**ଗୋପ,୨୯।୧୦(ଡି.ଏନ.ଏ.)**

ଆଉ ଦୁଇଦିନ ଗଲେ ହୋଇଥାନ୍ତା ଷାଣ୍ମାସିକ ପରୀକ୍ଷା। ଏଥିପାଇଁ ଛାତ୍ରୀଛାତ୍ର ପ୍ରସ୍ତୁତ ହୋଇସାରିଥିଲେ। କିନ୍ତୁ ପରୀକ୍ଷା ପୂର୍ବରୁ ଲିକ୍ ହୋଇଗଲା ସପ୍ତମ ଶ୍ରେଣୀର ଭୂଗୋଳ ପ୍ରଶ୍ନପତ୍ର। ଫଳରେ ପରୀକ୍ଷା ହଲ୍‌ରେ ପେପର ପହଞ୍ଚିବା ପୂର୍ବରୁ ଶତାଧିକ ଛାତ୍ରୀଛାତ୍ରଙ୍କ ପାଖରେ ପ୍ରଶ୍ନପତ୍ରର ଜେରକ୍ସ ପହଞ୍ଚିଯାଇଛି। ଏହି ଘଟଣା ଘଟିଛି ପୁରୀ ଜିଲାର ଗୋପ ବ୍ଲକ ଅଞ୍ଚଳରେ। ଶିକ୍ଷା ବିଭାଗ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁ ଏଭଳି ଘଟଣା ହେଲା ବୋଲି ଚର୍ଚ୍ଚା ହେଉଥିବାବେଳେ ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି ଏକ ସମ୍ବେଦନଶୀଳ ଓ ଗୁରୁତର ପ୍ରଶ୍ନପତ୍ର ଲିକ୍ ଘଟଣାକୁ ବ୍ଲକ୍ ଶିକ୍ଷାଧିକାରୀ ହାଲ୍‌କା ଭାବରେ ନେଇଥିବା ଜଣାପଡ଼ିଛି। ଗୋପ ଅଞ୍ଚଳର ସମସ୍ତ ବିଦ୍ୟାଳୟରେ ଅକ୍ଟୋବର ୨୯ତାରିଖରୁ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହେବାର ଥିଲା। କିନ୍ତୁ କୌଣସି କାରଣକୁ ନେଇ ତାହା ନଭେମ୍ବର ୧ତାରିଖକୁ ଘୁଞ୍ଚାଯାଇଥିଲା। ପରୀକ୍ଷା ପୂର୍ବରୁ ଏଭଳି ପ୍ରଶ୍ନପତ୍ର ଲିକ୍ ହୋଇଯିବାରୁ ଶିକ୍ଷା ବିଭାଗ ଓ ସ୍କୁଲ କର୍ତ୍ତୃପକ୍ଷ ଉପରେ ସନ୍ଦେହ ସୃଷ୍ଟି ହେଉଛି। ଏ ନେଇ ଗୋପ ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର କୁହନ୍ତି, ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ କିଛି ଜାଣିନାହିଁ। ତଥାପି ତଦନ୍ତ କରିବି ବୋଲି କହିବା ସହ ଶିକ୍ଷା ବିଭାଗର ଭୁଲ୍ ଯୋଗୁ ଏହି ପରୀକ୍ଷା ଘୁଞ୍ଚିଛି। ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।



ପ୍ରଥମ ସମାପ୍ତି ସୂଚକ ଆକଳନ - ୨୦୧୯

# ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ: ପୁଣି ଆରମ୍ଭ ହେବ କେମୋ ଥେରାପି

**ପୁରୀ ଅଫିସ, ୨୯।୧୦:** ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆସନ୍ତା ସପ୍ତାହରୁ କର୍କଟ ରୋଗୀଙ୍କ ପାଇଁ କେମୋ ଥେରାପି ପୁନଃ ଆରମ୍ଭ ହେବ। ସୋମ, ମଙ୍ଗଳ ଏବଂ ବୁଧବାର ଏହି ସେବା ପ୍ରଦାନ କରାଯିବ। ଏଥିପାଇଁ ଜଣେ ଡାକ୍ତର ଏବଂ ୨ଜଣ ନର୍ସଙ୍କୁ ନିୟୋଜିତ କରାଯାଇଛି। ବର୍ତ୍ତମାନ ମୁଖ୍ୟ ଚିକିତ୍ସାଳୟରେ ୬ଶଯ୍ୟା ବିଶିଷ୍ଟ କେମୋ ଥେରାପି ଏବଂ କର୍କଟ ରୋଗରେ ସମ୍ପୂର୍ଣ୍ଣ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ନିମନ୍ତେ ମଧ୍ୟ ୬ଟି ଶଯ୍ୟା ରହିଛି। ଗତବର୍ଷ ଜିଲାରେ ୮୦୧ ଜଣ ମୁଖ କର୍କଟ ରୋଗୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ୩୦୫ଜଣ ସ୍ତନକର୍କଟ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ଡା. ଯଶସ୍ୱୀ ଦାଶଙ୍କ ତତ୍ତ୍ୱାବଧାନରେ କେମୋ ଥେରାପି ସେବା ଆରମ୍ଭ ହେବ। ଗତବର୍ଷ ଜିଲାରେ ମୋଟ ୨୩୦ଜଣ କର୍କଟ ରୋଗୀଙ୍କୁ କଟକସ୍ଥିତ ଆଚାର୍ଯ୍ୟ ହରିହର ଚିକିତ୍ସାକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଏଥିନିମନ୍ତେ ରାଜ୍ୟ ଚିକିତ୍ସା ପାଣ୍ଠିରୁ ଖର୍ଚ୍ଚ ବହନ କରାଯାଇ ଥିବା ଏଡିଏମ୍ ପ୍ରଦୀପ କୁମାର ସାହୁ ବୈଠକରେ ସୂଚନା ଦେଇଛନ୍ତି। ଏଥିରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ବିରଜା ଶଙ୍କର ରଥ, ଡିଆଇବି ଡିଏସ୍‌ପି ଉମାକାନ୍ତ ମଲ୍ଲିକ ଏବଂ ଜିଲା କନ୍‌ସଲ୍‌ଟାଣ୍ଟ ସୁଶାନ୍ତ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

# ରତ୍ନଭଣ୍ଡାର ଖୋଲିବା ନେଇ ମିଶ୍ରିତ ପ୍ରତିକ୍ରିୟା

**ପୁରୀ ଅଫିସ, ୨୯।୧୦**

ରତ୍ନ ଭଣ୍ଡାର ଚାବି ଖୋଲିବା ନେଇ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଶେଷ ଥର ଲାଗି ୧୯୭୮ ମସିହାରେ ରତ୍ନଭଣ୍ଡାରକୁ ଖୋଲାଯାଇଥିଲା। ତା' ପର ଠାରୁ ଏହା ବନ୍ଦ ରହିଛି। ୨୦୧୮ରେ ସରକାର ଏହାକୁ ଖୋଲିବାକୁ ଚେଷ୍ଟା କରି ବିଫଳ ହୋଇଥିବା ନେଇ ସେ ଉଲ୍ଲେଖ କରିଛନ୍ତି। ଏନେଇ ବିଭିନ୍ନ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି।

### ସରକାର ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି



ରତ୍ନଭଣ୍ଡାର ପ୍ରସଙ୍ଗରେ ସରକାର ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି। ପ୍ରଥମତଃ ଜଷ୍ଟିସ୍ ରଘୁବୀର ଦାସଙ୍କ ରିପୋର୍ଟକୁ ସରକାର ଚାପି ରଖିଛନ୍ତି। ଏହାକୁ ସରକାର ସାର୍ବଜନୀନ କରନ୍ତୁ। ସରକାର କେତେ ସ୍ୱଚ୍ଛ, ତାହା ଜଣାପଡିଯିବ। ଦ୍ୱିତୀୟତଃ ରତ୍ନଭଣ୍ଡାର ଖୋଲିବା ନେଇ ସରକାର ହାଇ ଭୋଲେଟେଜ୍ ଡ୍ରାମା କରିଥିଲେ। ରତ୍ନଭଣ୍ଡାରରେ ଭାରତର ସମୃଦ୍ଧି ରହିଛି। ଏହା ମଧ୍ୟରେ କ'ଣ ରହିଛି, ଜାଣିବା ସମସ୍ତଙ୍କ ଅଧିକାର ରହିଛି।

- ସୂର୍ଯ୍ୟନାରାୟଣ ରଥ, ହିନ୍ଦୁ ମହାସଭା ରାଜ୍ୟ ଉପସଭାପତି

### ସ୍ୱର୍ଣ୍ଣ ଅଳଙ୍କାର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ



ରତ୍ନଭଣ୍ଡାର ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ସରକାର ଆଦୌ ଗୁରୁତ୍ୱବହନ କରୁନାହାନ୍ତି। ୨୦୧୮ରେ ରତ୍ନଭଣ୍ଡାର ଖୋଲିବାକୁ ଚେଷ୍ଟା କରାଯାଇଥିଲା। ମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ କାଦୁଆ ଫିଙ୍ଗାଫିଙ୍ଗି ହୋଇଥିଲେ। ରତ୍ନଭଣ୍ଡାରରେ ବହୁ ମୂଲ୍ୟବାନ ବସ୍ତୁ ରହିଥିବା ନେଇ କେବଳ ପୁସ୍ତକରେ ପଢିଆସୁଛି। ରତ୍ନଭଣ୍ଡାରରେ ଏସବୁ ସୁରକ୍ଷିତ ରହିଛି ନା ନାହିଁ ସନ୍ଦେହ ଜାତ ସହ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

- ସମୀର ଶତପଥୀ, ସାମାଜିକ କର୍ମୀ

### ରିପୋର୍ଟ ସାର୍ବଜନୀନ ହେଲେ ସରକାରଙ୍କ ମୁଖା ଖୋଲିଯିବ



ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ ଉଠିଲେ, ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି। ଏନେଇ ସରକାର ନିଜ ସ୍ପଷ୍ଟ ମତ ରଖିବା ଆବଶ୍ୟକ। ରତ୍ନଭଣ୍ଡାରରେ ସ୍ୱର୍ଣ୍ଣ ଅଳଙ୍କାର ସୁରକ୍ଷିତ ରହିଛି ନା ନାହିଁ, ଏହା ଜାଣିବା ସମସ୍ତ ନାଗରିକଙ୍କ ଅଧିକାର ରହିଛି। ରତ୍ନଭଣ୍ଡାର ଘଟଣାରେ ଜଷ୍ଟିସ ରଘୁବୀର ଦାସ ଦେଇଥିବା ରିପୋର୍ଟକୁ ସାର୍ବଜନୀନ କରିବାକୁ କାହିଁକି ଭୟ କରୁଛନ୍ତି। ସରକାର ଚୁପ ରହିବା ପଛର ରହସ୍ୟ କ'ଣ ରହିଛି। ରିପୋର୍ଟ ସାର୍ବଜନୀନ ହେଲେ ସରକାରଙ୍କ ଅସଲମୁଖା ଖୋଲିଯିବ।

- ଜୟନ୍ତ କୁମାର ଦାଶ, ଭାଜପା ଜିଲା ଯୁବମୋର୍ଚ୍ଚା

### ସରକାର ଚିନ୍ତିତ ଅଛନ୍ତି



ରତ୍ନଭଣ୍ଡାର ଘଟଣାରେ ସରକାର ଚୁପ ବସିନାହାନ୍ତି। ଶ୍ରୀମନ୍ଦିର ସୁରକ୍ଷା ଓ ଶ୍ରୀକ୍ଷେତ୍ରର ଐତିହ୍ୟ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଶ୍ରୀକ୍ଷେତ୍ରର ସର୍ବାଙ୍ଗୀନ ବିକାଶ ଲାଗି ସରକାର ଗୁରୁତ୍ୱାରୋପ କରିଛନ୍ତି। ଭାଜପା ଏତେଦିନ ଧରି କେଉଁଠି ରହିଥିଲା। ଆଜି କାହିଁକି ମନେପଡିଲା। ରତ୍ନଭଣ୍ଡାର ପ୍ରସଙ୍ଗରୁ ଜନତାଙ୍କ ଦୃଷ୍ଟିଆକର୍ଷଣ କରିବା ଲାଗି ଭାଜପା ଚକ୍ରାନ୍ତ କରୁଛି।

- ହିମାଂଶୁ ଚନ୍ଦ୍ର ସାହୁ, ବିଜେଡି ଛାତ୍ରନେତା